● କୋଟେନଚୁଆଁ ବାଳିକା ସେବାଶ୍ରମ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

# 'ଖେଳ ଜୀବନ ଜିଇଁବାର କୌଶଳ ଶିଖାଇଥାଏ'



ନୂଆପଡ଼ା, ୨୩।୧୨(ସମିସ): କୋଟେନଚୁଆଁସ୍ଥିତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବାଳିକା ସେବାଶ୍ରମ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବ୍ୟବସ୍ଥାରେ ଖେଳ ଏକ ଅଭିନ୍ନ ଅଙ୍ଗ ହୋଇରହିଛି। ଖେଳ ଜୀବନରେ ଶୃଙ୍ଖଳା ଓ ଜିଇଁବାର କୌଶଳ ଶିଖାଇଥାଏ ବୋଲି ଅତିଥିମାନେ ଯୋଗଦେଇ ଏହି ମତ ରଖିଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପତିଙ୍କ ସଭପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଜିଲ୍ଲା ନିରୀକ୍ଷକ ଉଦୟ ସିଂ ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଧରମବନ୍ଧା ସେବାଶ୍ରମ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ର, ବିରୋମାଲ ସେବାଶ୍ରମର ଆଶିଷ କୁମାର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୁପି ମାଝୀ, ଦୁର୍ବାସା ରାଉତ, ସାମ୍ବାଦିକ ସଂଘ 'ଜାନ'ର ସଭାପତି ଘନଶ୍ୟାମ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଦୁଇଦିନ ଧରି ଚାଲିଥିବା ଉତ୍ସବରେ ୨୯ଟି ଇଭେଣ୍ଟରେ ମୋଟ ୪୯୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସବ୍ ଜୁନିୟର ବିଭାଗରେ ତୃତୀୟ ଶ୍ରେଣୀ ଛାତ୍ରୀ ବିଦ୍ୟାପ୍ରଜ୍ଞା ଶବର, ଜୁନିୟରରେ ଚତୁର୍ଥ ଶ୍ରେଣୀର ସାନିଆ ମାଝୀ ଏବଂ ସିନିୟର ବିଭାଗରେ ଦଶମ ଶ୍ରେଣୀର ଛାତ୍ରୀ ତ୍ରିପୁରା ମାଝୀ ଚାମ୍ପିଅନ ହୋଇଛନ୍ତି। ଏମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ ୨୯ଟି ଇଭେଣ୍ଟର ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅକ୍ତିଆର କରିଥିବା ଖେଳାଳିମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଜୟକୃଷ୍ଣ ପ୍ରଧାନ ଖେଳ ପରିଚାଳନା କରିଥିବାବେଳେ ପୁରସ୍କାର ବିତରଣୀ ଉତ୍ସବରେ ଶିକ୍ଷକ ସୁବାଷ ଚନ୍ଦ୍ର ଯୋଷୀ, ଶିକ୍ଷୟିତ୍ରୀ ବିନୋଦିନି ନାଏକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ପରିଚାଳନାରେ ଶିକ୍ଷକ ମାନସ ରଞ୍ଜନ ପାଣ୍ଡେ, ସରିତା ଦଣ୍ଡସେନା, ଉଜଳ ମାଝୀ, ହେମନ୍ତ ଜଗତ, ଜଗଦିଶ ପ୍ରସାଦ ଶବର, ଦୁଲାରୀ ଠାକୁର, ରୋହିତ ମାଝୀ, ଚନ୍ଦନ ଦାସଙ୍କ ସମେତ ସହାୟକ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲା ଯାଦବ ସମାଜର କାର୍ଯ୍ୟକାରିଣୀ



ନୂଆପଡ଼ା/ସିନାପାଲି, ୨୩।୧୨(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ରାଣିମୁଣ୍ଡା ଗ୍ରାମର ଗିରିଗୋବର୍ଦ୍ଧନ ପୂଜା ମଣ୍ଡପରେ ଜିଲ୍ଲା ଯାଦବ ସମାଜର କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଭରତଲାଲ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ଯାଦବ ସମାଜର ପ୍ରଯୋଜନାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବରେ ଉତ୍କଳ ଯାଦବ ମହାସଭାର ମହା ସଚିବ ଲମ୍ବୋଦର ନିଆଲ, ବିଶିଷ୍ଟଅତିଥି ଭାବରେ ପୂର୍ବତନ ଜିଲ୍ଲା ସଭାପତି ହରେରାମ କଠାର, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ ପ୍ରେମସିନ୍ଧୁ ହେର୍ଣ୍ଣା ଏବଂ ସମ୍ମାନିତ ଅତିଥି ଭାବରେ ରାଜ୍ୟ ଉପଦେଷ୍ଟା ରାମଲାଲ ହଂସ, ଜିଲ୍ଲା ଉପଦେଷ୍ଟା ଘନଶ୍ୟାମ କରୁଆଁ, ଯୌବନ ସଲମା, ରାମଚନ୍ଦ୍ର କଟା, ମାଲଖମ ନାଗ, ଚଞ୍ଚଳ ସଗରିଆ, ସତ୍ୟବ୍ରତ ଗହୀର, ସୁରେଶ ଚନ୍ଦ୍ର ବାଗ, ସିନାପାଲି ବ୍ଲକ ସଭାପତି ଲିଙ୍ଗରାଜ ଘିଭେଲା, ଯୁଧିଷ୍ଠିର ଶଗଡ଼ିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିନାଥ ପୁଞ୍ଜି ଅତିଥିଙ୍କୁ ସ୍ୱାଗତ ଓ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଜାତିର ଆରାଧ ଦେବତା ଶ୍ରୀକୃଷ୍ଣ ମହାପ୍ରଭୁଙ୍କ ପୂଜନ ପରେ କୁନିକୁନି ଝିଅମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ୧୯୯୯ ମସିହାରେ ଜିଲ୍ଲା ଯାଦବ ସମାଜର ପୁନର୍ଗଠନ ସହ ନୂଆ ସାମାଜିକ ନିୟମାବଳୀର ପ୍ରଚଳନ ହୋଇଥିଲା। ଏହାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟଜୟନ୍ତୀ ପାଳନ ଓ ସ୍ମରଣିକା ପ୍ରକାଶନ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଗାମୀ ୨୦୨୫ ମସିହା ମାର୍ଚ୍ଚ ମଧ୍ୟରେ ଜୟନ୍ତୀ ପାଳନ ପାଇଁ ସ୍ଥିରକୃତ ହୋଇଥିଲା। ଆଶୀର୍ବାଦ ବେହେରା ତୃତୀୟଥର ପାଇଁ ଉତ୍କଳ ଯାଦବ ମହାସଭାର ସଭାପତି ଭାବରେ ମନୋନୀତ ହୋଇଥିଲେ। କଟକ ନିକଟର ୪୨ମୌଜା ଗ୍ରାମର ଯଶୋଦା ଗାର୍ଡେନ ପରିସରରେ ଆଗାମୀ ୨୯ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭାରେ ୫ଟି ବ୍ଲକର ସମସ୍ତ କର୍ମକର୍ତ୍ତା ଯୋଗଦେବା ପାଇଁ ଅନୁରୋଧ କରିଥିଲେ। ଶେଷରେ ଯୁବସମାଜସେବୀ ଗଣେଷପୋଡ଼ ଅତିଥି ଗଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଭବିଷ୍ୟ ନିର୍ଦ୍ଧାରଣ ହିଁ ଜୀବନର ସାରାଂଶ

ଭବାନୀପାଟଣା, ୨୩।୧୨(ସମିସ):



ସ୍ରଷ୍ଟାଙ୍କ ଶ୍ରେଷ୍ଠ ସର୍ଜନା ହେଉଛି ମଣିଷ। ଦୃଷ୍ଟାନ୍ତ ଓ ପରମ୍ପରା ଦ୍ୱାରା ମଣିଷ ବିବର୍ତ୍ତନର ବିକଶିତ ପର୍ଯ୍ୟାୟକୁ ପହଞ୍ଚି ପାରୁଛି କି ନାହିଁ ଏଭଳି ଏକ କାହାଣୀକୁ ନେଇ ଭିନ୍ନ ସ୍ୱାଦର ନାଟକ 'ଲଙ୍ଗମାର୍ଚ୍ଚ' ସୁନ୍ଦର ବାର୍ତ୍ତାଟିଏ ଦେଇଛି। ସ୍ମାରକୀ ନାଟ୍ୟ ସଂସ୍ଥା' ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ଏହି ନାଟକ ମଞ୍ଚସ୍ଥ ହୋଇଥିଲା। ଭବିଷ୍ୟ ନିର୍ଦ୍ଧାରଣ ହିଁ ଜୀବନର ସାରାଂଶ ବୋଲି ଏହି ନାଟକ ବାର୍ତ୍ତା ଦେଇଛି।

ଅତିଥି ଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ବରିଷ୍ଠ ଶିକ୍ଷାବିତ୍ ଅଜୟ ମିଶ୍ର, ବିଶିଷ୍ଟ ଅଭିନେତା ଜଗନ୍ନାଥ ମୁଣ୍ଡ ଏବଂ ମହାବୀର ସାଂସ୍କୃତିକ ଅନୁଷ୍ଠାନର ସତ୍ୟନାରାୟଣ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ ସଭାପତିତ୍ୱ କରିଥିଲେ।

ଠେକୁଆ କଇଁଛର କାହାଣୀକୁ ନେଇ ନାଟକ ଗତିଶୀଳ ହୋଇଥିଲା। ଠେକୁଆ ଦ୍ରୁତ ଗତିରେ ଦୌଡ଼ିପାରେ ଏବଂ ବିଶ୍ରାମ ନେଇପାରେ; କିନ୍ତୁ କଇଁଛ ମନ୍ଥର ଗତିରେ ଚାଲି ସୁଦ୍ଧା ତାକୁ ଦୌଡିବାକୁ ପଡେ। ଠେକୁଆ ପହଞ୍ଚିବା ପରେ ଶୋଇପଡ଼ିଥିବାବେଳେ କଇଁଛ ଆସି ଧୀରେ ଧୀରେ ତାଙ୍କୁ ଅତିକ୍ରମ କରି ଦୌଡ଼ ଜିତେ। ଦୀର୍ଘ ଦିନରୁ ଏହା ସମଦର୍ଶୀ ଦେଶର ପରମ୍ପରା ଏବଂ ରୀତିନୀତି ଥିଲା। ଏହା ହେଉଛି ଦେଶର ମୁଖ୍ୟ ପର୍ବ। ଚଳିତ ବର୍ଷ ମଧ୍ୟ ଠେକୁଆ ଏବଂ କଇଁଛ ଚୟନ ଶେଷ ହୋଇଛି। ରନର୍ସଙ୍କ ନାମ ଘୋଷଣା କରାଯାଇଥିଲା। ସମସ୍ତ ବ୍ୟବସ୍ଥା ସମାପ୍ତ ହୋଇଛି। ତା'ପରେ ଠେକୁଆ ଘୋଷଣା କରିଛି ଯେ ସେ ଏଥର ଅଟକିବ ନାହିଁ। ବିନା ଅଟକି ବିଜେତା ହେବ। ଏହି ନିଷ୍ପତ୍ତି ସହିତ ସମଗ୍ର ଦେଶରେ ଚର୍ଚ୍ଚା ହୋଇଛି। ପୁରାତନ ପରମ୍ପରାକୁ ଚ୍ୟାଲେଞ୍ଜ କରାଯାଇଛି ଏବଂ ରାଜା ଏବଂ ଶାସକମାନେ କଣ କରାଯିବ ସେନେଇ ଦ୍ୱନ୍ଦ୍ୱରେ ଅଛନ୍ତି। କ'ଣ ହେବ? ଠେକୁଆ ଦୌଡ଼ ଜିତିବ କି? କିମ୍ବା ସେ ପୁରୁଣା ପରମ୍ପରା ପରି ହରାଇବାକୁ ବାଧ ହେବେ କି? କଇଁଛ ସହିତ କ'ଣ ହେବ? ଏହି ସବୁ ପ୍ରଶ୍ନର ଉତ୍ତର ରଖିଛି ନାଟକ 'ଲଙ୍ଗ୍ ମାର୍ଚ୍ଚ'। କଲିକତା ଅଲଟରନେଟିଭ ଲିଭିଂ ଥିଏଟର ଦ୍ୱାରା ପରିବେଷିତ ଏହି ବଙ୍ଗଳାଭାଷୀ ନାଟକକୁ ବିଶିଷ୍ଟ ନାଟ୍ୟକାର ପ୍ରବୀର ଗୁହା ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଯୁବ ନିର୍ଦ୍ଦେଶକ ଶୁଭଦୀପ ଗୁହା। ସହ ନିର୍ଦ୍ଦେଶନା ଦେଇଥିଲେ ଅଭିଜିତ ବିଶ୍ୱାସ। ଏଥିରେ ଅରୂପ ମୁଖାର୍ଜୀ, ମୋହନ ଘୋଷ, ଅଭିଜିତ ବିଶ୍ୱାସ, ବିକାଶ ବୋସ୍, ବାବୁଲ ପୌଲ, ଶାନ୍ତନୁ ସରକାର, ଶେଖ୍ ଅମିନୁଲ ଇସଲାମ, ଅଭିଷେକ ବର୍ମନ୍, କିଂଶୁକ୍ କର୍ମକାର, ପ୍ରଥମ ଦେ, ଅର୍ପିତା ବର୍ମନ, ଅନୁଷ୍କା ସେନ୍, ପୌଲମି ସେନଗୁପ୍ତା, ମୌସୁମୀ ସେନଗୁପ୍ତା, ସୋନାଲି ଭଟ୍ଟାଚାର୍ଯ୍ୟ, ରୀତିକା ସେନଗୁପ୍ତା, ପ୍ରୀତମ ମଜୁମଦାର, ସୌହ୍ରଦ ରଏ, ସୌମିତ୍ର ଦା, ଶୁଭଦୀପ ଗୁହା ପ୍ରମୁଖ ଅଭିନୟ କରିଥିଲେ। ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଶୁଭଦୀପ ଗୁହା ଏବଂ ସୌହ୍ରଦ ରଏ ଦେଇଥିବାବେଳେ ଆଲୋକ ବରୁଣ କର ଏବଂ ସୌମିତ୍ରା ଚାଟାର୍ଜି ସଞ୍ଚାଳନ କରିଥିଲେ। ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟାଉନ୍ ହଲ୍‌ରେ ଅଗଣିତ ଦର୍ଶକଙ୍କ ଭିଡ ଏବଂ ଅଜସ୍ର କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶୁଭେନ୍ଦୁ ମହାପାତ୍ର, ଧ୍ୟାନାନନ୍ଦ ପଣ୍ଡା, ଦେବୀ ପ୍ରସାଦ ରଥ, ରାଜେଶ ଦାଶ, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ ସାହୁ, ରାମେଶ୍ୱର ତ୍ରିପାଠୀ, ଶୁଭମ୍ ବେହେରା, ଦୀପ୍ତିମୟୀ ସିଂ, ତଥାଗତ ମିଶ୍ର, ସୌମ୍ୟ ରଞ୍ଜନ ଜେନା, ଶିବଶକ୍ତି ପୁରୋହିତ, ଦୀପକ ଶର୍ମା, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଶୁଭାଶିଷ ମହାପାତ୍ର, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ସୁଶୀଲ ଆଚାର୍ଯ୍ୟ, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।

ନାଟକ 'ଲଙ୍ଗ୍ ମାର୍ଚ୍ଚ' ମଞ୍ଚସ୍ଥ

# ପାମ୍‌ଗଛ ଚାଷକରି ଜାତୀୟସ୍ତରରେ କୋଟିପତି ଚାଷୀ ଆୱାର୍ଡ



୧୦୦ ପରିବାରକୁ ରୋଜଗାର ଦେଇଛନ୍ତି ମୁକେଶ

ନୂଆପଡ଼ା, ୨୩।୧୨(ସମିସ): ନୂଆପଡ଼ା ଜିଲ୍ଲା ସଦର ବ୍ଲକର ବେଲଟୁକୁରୀ ତଥା ପଡ଼ୋଶୀ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଏବଂ ଛତିଅଗଡ଼ ଅଞ୍ଚଳରୁ ପ୍ରତିବର୍ଷ ଶତାଧିକ ପରିବାର ଲୋକ ରାଜ୍ୟବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଏମାନଙ୍କୁ ଏହି ଇଲାକାରେ ରୋଜଗାର ଦେବା ସହ ଚାଷକାମରୁ କିପରି କୋଟିପତି ହେବାର ସମ୍ଭାବନା ରହିଛି ତାକୁ ପ୍ରମାଣିତ କରି ଦେଖାଇଛନ୍ତି ବେଲଟୁକୁରୀ ଗାଁର ଚାଷୀ ମୁକେଶ ଚନ୍ଦ୍ରକାର। ସେ ୭୬ଏକର ଜମିରେ ପାମ୍ ଚାଷ କରି ବାର୍ଷିକ କୋଟିଏରୁ ଅଧିକ ଟଙ୍କା ରୋଜଗାର କରିପାରୁଥିବାବେଳେ ଶହେ ପରିବାର ଲୋକଙ୍କୁ ରୋଜଗାର ଦେଇପାରିଛନ୍ତି। ଏହିଭଳି ଦିଲ୍ଲୀରେ ଜଣେ କୋଟିପତି ଚାଷୀ ଭାବରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଜଣେ ନାମକୁ ମାତ୍ର ଚାଷୀ ପରିବାରର ମୁକେଶ ଆଜିକୁ ସାତ ବର୍ଷ ତଳେ ତାଙ୍କର ଜଣେ ସାଥୀଙ୍କଠାରୁ ପ୍ରୋତ୍ସାହିତ ହୋଇ ନିଜ ଖର୍ଚ୍ଚରେ ମାତ୍ର ୬ଏକର ଜମିରେ ପାମ୍ ଗଛ ଚାଷ ଆରମ୍ଭ କରିଥିଲେ। ଚାରିବର୍ଷ ପରେ ଏହା ଆୟ ଦେବା ଆରମ୍ଭ କରିଦେଇଥିଲା। ପ୍ରତିବର୍ଷ ଏକର ପିଛା ଦେଢ ଲକ୍ଷ ଟଙ୍କା କରି ଉପାର୍ଜନ କରିବା ଆରମ୍ଭ ହୋଇଥିଲା। ଧିରେ ଧିରେ ବର୍ତ୍ତମାନ ମୋଟ ୭୬ଏକର ଜମିରେ ଚାଷ କରିପାରିଛନ୍ତି। ଏଥିରେ ପୁଣି ମିଶ୍ରିତ କୃଷି ଭାବରେ ଚକୋସ, କଦଳୀ, ପାତଳଘଣ୍ଟା, ବାଇଗଣ ଓ ମରିଚ ଭଳି ପନିପରିବା ଆଦି ଚାଷ କରି ବାର୍ଷିକ ଦେଢ଼ କୋଟି ଟଙ୍କା ଉପାର୍ଜନ କରିପାରୁଥିବା ପ୍ରକାଶ କରିଛନ୍ତି। ଏଥିରେ ପାଖାପାଖି ଅଞ୍ଚଳରୁ ଶହେରୁ ଅଧିକ ଶ୍ରମିକ(ଦାଦନ) ପରିବାରକୁ ରୋକି ଏଠାରେ କର୍ମ ଯୋଗାଣ ଦେଇପାରିଛନ୍ତି। ଶ୍ରମିକମାନେ ମଧ୍ୟ ନିଜ ଅଞ୍ଚଳରେ କର୍ମ ଯୋଗାଣ ପାଇ ବେଶ ଖୁସିଥିବା ପ୍ରକାଶ କରିଛନ୍ତି। ଏହି ଚାଷକୁ ବିଭିନ୍ନ ଅଞ୍ଚଳରୁ ଲୋକେ ଦେଖିବାକୁ ଆସୁଛନ୍ତି। ଏହାକୁ ଭିତ୍ତିକରି ନୂଆଁଦିଲ୍ଲୀସ୍ଥିତି ଆଇସିଏଆରର କାର୍ଯ୍ୟକ୍ରମରେ ଚଳିତ ବର୍ଷର କୋଟିପତି ଚାଷୀ ଭାବେ ପୁରସ୍କୃତ ହୋଇଛନ୍ତି। ସେ ନିହାତି ଭାବେ ଜଣେ ଉଦୀୟମାନ ଚାଷୀ ଏବଂ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କୁହାଯାଉଛି।

# ବଣିକ ସଂଘର ବାର୍ଷିକ ମହୋତ୍ସବ

କୋମନା, ୨୩।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଦ୍ୟାନବନ୍ଧସ୍ଥିତ କୁରେଶ୍ୱର ସାହୁପଡ଼ା ନିକଟରେ କୋମନା ବ୍ଲକ ଟେଣ୍ଟ, ସାଉଣ୍ଡ, ଲାଇଟ, ଫୁଲ ଓ ବେଲୁନ ବଣିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ବିଧାୟକ ରାଜେନ୍ଦ୍ର ଢୋଲକିଆ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ପରିଷଦ ମୁରଲୀ ଭୋଇ, ଦିପିକା ଦୀପ, ଅବସରପ୍ରାପ୍ତ ବିଇଓ ଇନ୍ଦ୍ରମଣି ପାଣିଗ୍ରାହୀ ଓ ଥାନା ଅଧିକାରୀ ସୁମନ୍ତ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏଥିରେ ବଣିକ ସଂଘ ସଭାପତି ତଥା ସମସ୍ତ ପଦାଧିକାରୀ ସହଯୋଗ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ସମରସତା ଯାତ୍ରା

ନୂଆପଡ଼ା/କୋମନା, ୨୩।୧୨(ସମିସ): ବିଶ୍ୱହିନ୍ଦୁ ପରିଷଦ ତରଫରୁ ସାମାଜିକ ସମରସତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ସଚେତନତା ରଥ ଜିଲ୍ଲାବ୍ୟାପି ପରିକ୍ରମାରେ ବାହାରିଛି। ରବିବାର ସକାଳେ ପତୋରା ଶିବ ମନ୍ଦିରରୁ ରଥର ଶୁଭାରମ୍ଭ ହୋଇ ଧରମବନ୍ଧା ତୋରରା, ସାରାବଙ୍ଗ, ଖରିଆରରୋଡ଼ ଏଲଡିପଡ଼ା ଓ ଡୁମେରପାଣିରେ ଦେଇ ରାତିରେ ଗୋତମା



ବସ୍ତିରେ ସ୍ୱାଗତ କାର୍ଯ୍ୟକ୍ରମ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଜିଲ୍ଲା ସମ୍ପାଦକ ଭାନୁ ପ୍ରତାପ ଦଣ୍ଡସେନା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶରତ କୁମାର ପଣ୍ଡା, ଉପସଭାପତି ଲୋକନାଥ ରଥ, କ୍ଷୀରୋଦିନୀ ସାହୁ, ପଶ୍ଚିମପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ସହପ୍ରଚାର ପ୍ରମୁଖ ଘନଶ୍ୟାମ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ରଥରେ ସନ୍ଥ ଅଶୋକ ପରିବ୍ରାଜ, ସୁଧୀର ଚୈତନ୍ୟ, ନରେଶ ଦାସ, ସୂର୍ଯ୍ୟ ନାରାୟଣ ଯୋଷୀ ପ୍ରମୁଖ ସାମିଲ ଅଛନ୍ତି। ରଥ ଆସନ୍ତା ୨୯ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବାକୁ ରହିଛି। ସୋମବାର ଏହି ରଥ ଜିଲ୍ଲା ସଦର ମହକୁମା ଦେଇ କୋମନା ବ୍ଲକ କୁରୁମପୁରୀ ବସ୍ତି ପରିକ୍ରମା କରି ତରବୋଡ, କାଣ୍ଡେତରା, ବୁଦ୍ଧିକୋମନା ଦେଇ ଡୋଙ୍ଗରୀପାଲି, ଟିକ୍ରାପଡ଼ା, ଉଦ୍ୟାନବନ୍ଧ ଦେଇ ଭେଲାରେ ପହଞ୍ଚିଥିଲା। ଦୀର୍ଘ ୧୫୦କିମି ରାସ୍ତା ଅତିକ୍ରମ କରି ସେଠାରେ ରାତି ରହଣୀ କରିଥିବାବେଳେ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ଦେବେନ୍ଦ୍ର ନାଥ ପଣ୍ଡା, ତୁଳସ ପଟେଲ, ବ୍ୟାସଦେବ ଅହୀର, ନବୀନ ଭୋଇ, ଦିଲୀପ ଦାସ, ସତ୍ୟ ବରାଳ, ସୁବ୍ରତ ଅଗସ୍ତୀ, ଚନ୍ଦ୍ରପ୍ରକାଶ ଯୋଷୀ ଓ ପ୍ରବୀଣ କୁମାର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା: ୨ ଗୁରୁତର

କୋକସରା, ୨୩।୧୨(ସମିସ): କୋକସରା ବ୍ଲକ ଲଦୁଗାଁ-ସୁନାମାଲ ରାସ୍ତାରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲଦୁଗାଁ ମାଝୀପଡ଼ାର ଧର୍ମେନ୍ଦ୍ର ମାଝୀ(୧୮) ଓ ଯୋଗେନ୍ଦ୍ର ଶବର (୨୦)। ସୋମବାର ମଧ୍ୟାହ୍ନରେ ନିଜ ଚାଷ ଜମିରୁ ଧର୍ମେନ୍ଦ୍ର ଓ ଯୋଗେନ୍ଦ୍ର ଏକ ବାଇକ୍ ଯୋଗେ ସୁନାମାଲ ଗ୍ରାମରୁ ଲଦୁଗାଁ ଯାଉଥିଲେ। ତେବେ ଯିବା ବାଟରେ ସେମାନେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ପରିବାର ଲୋକ ଆହତ ଧର୍ମେନ୍ଦ୍ର ଓ ଯୋଗେନ୍ଦ୍ରଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିଲେ। ଧର୍ମେନ୍ଦ୍ରଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ଯୋଗେନ୍ଦ୍ରଙ୍କ ଦେହରେ ବହୁତ କ୍ଷତ ହୋଇଛି। ଉଭୟ ଗୁରୁତରଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ମ.ରାମପୁର, ୨୩।୧୨(ସମିସ): ମ.ରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଶିକ୍ଷାବିତ ବେଣୁଧର କୁମାରଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ମ.ରାମପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରାଜେଶ ସାହୁ, ଶିକ୍ଷକ ସନ୍ତୋଷ କର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ କିଶୋରଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଧନୁର୍ଜୟ ମହାରଣା ବାର୍ଷିକ ବିବରଣୀ ପଠନ କରିଥିବା ବେଳେ କୋଷାଧ୍ୟକ୍ଷ ବନମାଳି ମହାଖୁଡ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା।



# ବିଦ୍ୟାଳୟ ବାର୍ଷିକ ଉତ୍ସବ

ଗାଇଗାଁ, ୨୩।୧୨ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉତ୍କେଲାସ୍ଥିତ ମେରସୀ ଇଂରାଜୀ ସ୍କୁଲର ଦଶମ ବାର୍ଷିକ ଉତ୍ସବ ସୋମବାର ପାଳନ କରାଯାଇଛି। ଅଧ୍ୟକ୍ଷ ନିର୍ମଳା ଅରୁନ୍ଧତୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ସାଗର ଚରଣ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା ଯୋଗ ଦେଇଥିଲେ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଜୟପାଟଣା, ୨୩।୧୨(ସମିସ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବର ଆୟୋଜିତ ହୋଇଯାଇଛି। ଏଥିରେ ୭୦ଟି ଦରଖାସ୍ତ ଆସିଥିଲା। ୮ଟି ଗୋଷ୍ଠୀ ସମସ୍ୟା, ୧୫ଟି ଭତ୍ତା, ୪୦ଟି ଆବାସ ଯୋଜନା ଓ ୭ଟି ଜମିବାଡ଼ି ସମ୍ପର୍କିତ ଅଭିଯୋଗ ରହିଥିଲା।

# ବଗାଡ଼ ଯାଦବ ଭବନ ଉଦ୍‌ଘାଟିତ



କେସିଙ୍ଗା, ୨୩।୧୨(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବଗାଡ ୨ ନମ୍ବର ୱାର୍ଡରେ ୨୮ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ଯାଦବ ଭବନକୁ ପଞ୍ଚାୟତରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଉଦ୍‌ଘାଟନ କରିଛନ୍ତି। ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଜିଲ୍ଲା ଯାଦବ ସଭାପତି ତଥା କେସିଙ୍ଗା ନଗରପାଳ ନୃପରାଜ୍ ଯାଦବ, କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଯୁବ ଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, କେସିଙ୍ଗା ବ୍ଲକ ଯାଦବ ସଭାପତି ପାନାଲାଲ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ରବି ନାରାୟଣ ନାଏକ କେସିଙ୍ଗା ବ୍ଲକ ସଦ୍‌ଭାବନା ଗୃହରେ ଏକ ବୈଠକରେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ଯାଦବ ଭବନ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ପୂର୍ବତନ ସଦର ବିଧାୟକ ପ୍ରଦୀପ୍ତ ନାଏକ ୮ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।

# ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ



କେସିଙ୍ଗା, ୨୩।୧୨(ସମିସ): ସଂସ୍କୃତି ଓ ଲୋକକଳାର ଉତ୍ସବ ବୁଢ଼ାଡଙ୍ଗର ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା, କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ଡ. ଯୁଗଳ କିଶୋର ଷଡ଼ଙ୍ଗୀ, ଗାଳ୍ପିକା ଯାଜ୍ଞସେନୀ ସାହା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ରବି ନାରାୟଣ ନାଏକ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ ଓ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅଂଶୁମାନ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଓଡ଼ିଶୀ ନୃତ୍ୟ ସହ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର କଳାକାର ବଜାସାଲ ପରିବେଷଣ କରିଥିଲେ। ପୁରୀର ଘୋଡ଼ାନାଚ, କୋରାପୁଟର ଢେମସା ଦର୍ଶକଙ୍କୁ ଆକର୍ଷିତ କରିବା ସହ ମନ ମୋହିଥିଲା।

ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍

# ବରଗଡ଼କୁ ହରାଇ କେସିଙ୍ଗା ଚାମ୍ପିଅନ

ଜୁନାଗଡ଼, ୨୩।୧୨(ସମିସ):





ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ କ୍ରିକେଟ ଫାଇନାଲରେ କେସିଙ୍ଗା ଚାମ୍ପିଅନ ହୋଇଛି। ୩୦ ଓଭରରେ ଦଳ ୨୨୫/୮ ରନ୍ ସଂଗ୍ରହ କରିଥିଲେ। ଜବାବରେ ବରଗଡ଼ ୨୬ ଓଭର ୫ ବଲରେ ସମସ୍ତ ଉଇକେଟ ହରାଇ ୧୮୭ ରନ କରି ହାରିଥିଲେଲା। ବିଭୁତି ମଲ୍ଲିକ ମ୍ୟାନ୍ ଅଫ ଦି ମ୍ୟାଚ ପାଇଥିଲେ। ସୂର୍ଯ୍ୟକାନ୍ତ ଭୁତିଆ ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପାଇଥିଲେ। ଅତିଥି ଭାବେ ନେତ୍ରାନନ୍ଦ ମହାନ୍ତି, ସାମ୍ବାଦିକ ୟୁନିୟନ ସଭାପତି ଖଗେଶ୍ୱର ଡଙ୍ଗଡ଼ାମାଝି, ବସନ୍ତ ସେଠି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ମୁଖ୍ ଅତିଥି ଭାବରେ ବିଧାୟକ ସାଗର ଚରଣ ଦାସ, ଡାକ୍ତର ଭଗବାନ ପଣ୍ଡା, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ଦେବେନ୍ଦ୍ର ବିଶି, ବରିଷ୍ଠ ଶିକ୍ଷକ ବିଜୟ ପାଢ଼ୀ, ଉଦ୍ଧବ ସାହୁ, ଇଞ୍ଜିନିୟର ସଞ୍ଜୟ ମଲ୍ଲିକ, ସରପଞ୍ଚ ଦିବ୍ୟ ଦୀପ ପ୍ରମୁଖ ଯୋଗ ଦେଇ ଥିଲେ। ବିପ୍ଳବ ସିଂ, ତେଜନ ଦୁର୍ଗା, ସମୀର ସାହୁ ଓ ଦିପେନ ସାହୁ ଖେଳ ପରିଚାଳନା କରିଥିଲେ। ମାନସ ସାହୁ, ନୀତିଶ ମହାପାତ୍ର ବିନୟ ସାହୁ ଧାରା ବିବରଣୀ ଦାୟିତ୍ୱ ନେଇଥିଲେ। ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ନେଇଥିଲେ। ହାସୀମ ଖାନ ଅନଲାଇନ ସ୍କୋର ଦାୟିତ୍ୱ ନେଇଥିଲେ। ହିମାଂଶୁ ଶେଖର ବରାଡ଼, ସରୋଜ ପଣ୍ଡା, ମାନସ ସାହୁ, କହ୍ନେଇ ରାହୁଲ, ଦିଲୀପ ପଣ୍ଡା, ସୁଶୀଲ ଠାକୁର, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲୋକଙ୍କ ଆପତ୍ତି ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**ଶଗଡ଼ା, ୨୩।୧୨(ସମିସ):**

ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖଟଖଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୮୯ଟି ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରୁ ୬୭ଟି ବ୍ୟକ୍ତିଗତ ଓ ୨୨ଟି ସାମୂହିକ ଅଭିଯୋଗ ଆସିଥିଲା। ଏହି ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, କନ୍ଧମାଳ




ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, କନ୍ଧମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା, ଜଳଛାୟା ପ୍ରକଳ୍ପ ଅଧିକାରୀ ପ୍ରଦୀପ୍ତ ମହାନ୍ତି, ବ୍ଲକ ଶିକ୍ଷା ଅଧିକାରୀ ସନୋଜ୍ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନନ୍ତ ବେହେରା, କନ୍ଧମାଳ ଶିଶୁ ବିକାଶ ଅଧିକାରୀ ପଙ୍କଜିନୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବେଆଇନ ମହୁଲ ପୋଚ ନଷ୍ଟ

**ହରଭଙ୍ଗା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଆଡ଼େଣିଗଡ଼ ପୁଲିସ ବେଆଇନ ମହୁଲ ପୋଚ ନଷ୍ଟ କରିଛି। ଗଣ୍ଡପାଜୁ, ଗୋଛାସାହି, ବଦଲା, ବାରିଙ୍ଗ, ଅଡ଼େନିଗଡ଼ ଅଞ୍ଚଳର ଜଙ୍ଗଲ ଭିତରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ ପାଇଁ ରଖା ଯାଇଥିଲା। ଏହି ଚଢ଼ଉରେ ଆଡ଼େଣିଗଡ଼ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ନେତୃତ୍ୱ ନେଇଥିଲେ।

## ମଣ୍ଡି ପରିଦର୍ଶନ କଲେ ଜିଲ୍ଲାପାଳ

**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମନମୁଣ୍ଡା ଓ ଖଟଖଟିଆ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡିରେ ହୋଇଥିବା ଆବଶ୍ୟକ ପ୍ରସ୍ତୁତି ବୁଲି ଦେଖିବା ସହ ପ୍ରସ୍ତୁତି ଓ ଧାନକିଣା ସମ୍ପର୍କରେ ଚାଷୀ ଓ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ମଣ୍ଡିରେ ହୋଇଥିବା ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଚାଷୀଙ୍କୁ ପଚାରି ବୁଝିବା ସହ କିଭଳି ସୁରୁଖୁରୁରେ ଧାନ କିଣା ହେବ ସେ ନେଇ ଅଧିକାରୀଙ୍କୁ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାଷ ଚନ୍ଦ୍ର ଦଣ୍ଡସେନା, ବିଡ଼ିଓ ସାମି ଜୟଶ୍ରୀ ରେଡି, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗୀନ୍ଦ୍ରପୁରରେ ଧାନମଣ୍ଡି ଉଦ୍‌ଘାଟିତ

**ମନମୁଣ୍ଡା/ଶଗଡ଼ା, ୨୩।୧୨(ସମିସ):** କନ୍ଧମାଳ ବ୍ଲକ ଯୋଗିନ୍ଦ୍ରପୁରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ସମ୍ପାଦକ ସୌମ୍ୟ ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱବଧାନରେ ସମିତି ସଭାପତି ବେଲାଲ ସେନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶ୍ରୀପତି ଦେହୁରୀ, ବିକ୍ରମ କର୍ମୀ, ନିର୍ଦ୍ଦେଶକ ତ୍ରିନାଥ କ୍ଷେତି, ଅଖିଳେନ୍ଦ୍ର ପ୍ରଧାନଙ୍କ ସହ ଚାଷୀ ଉପସ୍ଥିତ ଥିଲେ। ୬ ଜଣ ଚାଷୀଙ୍କଠାରୁ ୨୮୬.୧୮ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସହିପରି ଖଟଖଟିଆ, ଦପଲା, ପଳସାଗୋରା, ଲୋକାପଡ଼ା ଆଦି ପ୍ୟାକ୍ସରେ ଧାନକ୍ରୟ ଶୁଭାରମ୍ଭ କରାଯାଇଛି।

## ଅଇଁଲାଚୂଆଁ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅଇଁଲାଚୂଆଁସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ତରଭାସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଅଧ୍ୟାପକ ଶାଶ୍ୱତ ସାହୁ, କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ସନୋଜ ସେଠୀ, ସ୍ଥାନୀୟ କନ୍ଧମାଳ କଲେଜର ଅଧ୍ୟାପକ ବସନ୍ତ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ ଦାଶ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଅଧ୍ୟାପିକା ମୋନାଲିସା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ପ୍ରଦ୍ୟୁମ୍ନ ଚୌହାନ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଅନନ୍ତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପକ ଅଶ୍ରୁମୋଚନ ପଣ୍ଡା, ଯୁଧିଷ୍ଠିର ମେହେର, ଶ୍ୟାମଲାଲ ନାଏକ, ନିହାରୀକା ଦାଶ, ପଙ୍କଜ ମେହେର, ସ୍ୱାଗତିକା ପାଣିଗ୍ରାହୀ, ସତ୍ୟଜିତ ସାହୁ, ହୃଦାରଞ୍ଜନ ସା, କଲେକ୍ଟର ବାରିକ, ଭରତ ଦେହୁରୀ, ଅରୁଣ ବେହୁରା ପ୍ରମୁଖ ସହଯୋଗ କରିଥିଲେ।

## ବୀରମହାରାଜପୁରରେ ଅଭିଯୋଗ ଶୁଣାଣି ଶିବିର



● ୫୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ

**ବୀରମହାରାଜପୁର, ୨୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେକେ ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୧ଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୯ଟି ଗ୍ରହଣ କରାଯାଇଥିବା ବେଳେ ୧୨ଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବୀରମହାରାଜପୁର ବିଡିଓ ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସିଂଙ୍କ ସମେତ ତହସିଲଦାର ପୁନମ ମହାପାତ୍ର, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ଶବ

● ତାମିଲନାଡୁରେ ହତ୍ୟାର ଶିକାର ହୋଇଥିଲେ

**ତରଭା, ୨୩।୧୨(ସମିସ):** ପେଟପାଟଣା ପାଇଁ ତାମିଲନାଡୁକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇ ହତ୍ୟାର ଶିକାର ହୋଇଥିବା ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପୁଆ ଗ୍ରାମର ଧ୍ରୁବଲେଶ୍ୱର ସେଠ (୨୮)ଙ୍କ ମରଶରୀର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ସୋମବାର ଗାଁକୁ ଅଣାଯାଇଛି। ସେ ପ୍ରାୟ ୮ ବର୍ଷ ହେବ ତାମିଲନାଡୁର ଭେପଡ଼ାଇ ଜିଲ୍ଲା ଇରୋଦରେ ଥିବା ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଡିସେମ୍ବର ୧୭ ତାରିଖରେ ତାଙ୍କୁ କେହି ହତ୍ୟା କରିଥିବା ଖବର ପରିବାର ଲୋକଙ୍କୁ ମିଳିଥିଲା। ଖବର ପାଇ ତାଙ୍କ ବଡ଼ଭାଇ କୁଶଳେଶ୍ୱର ମେଣ୍ଡା ଫାଣ୍ଡିରେ ରିପୋର୍ଟ କରିଥିଲେ। ପରିବାର ଲୋକେ ଜିଲ୍ଲାପାଳଙ୍କ ନିକଟରେ ତାମିଲନାଡୁରୁ ମୃତ ଧ୍ରୁବଲେଶ୍ୱରଙ୍କ ମରଶରୀର ଆଣିବା ପାଇଁ ନିବେଦନ କରିଥିଲେ। ଘଟଣାର ୭ ଦିନ ପରେ ସୋମବାର ପୂର୍ବାହ୍ନ ୧୦ଟାରେ ଆମ୍ବୁଲାନ୍ସରେ ତାଙ୍କ ଶବ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତରଭା ତହସିଲଦାର ତୁଳା ମୁଦୁଲି, ବିଡିଓ ଗଙ୍ଗାରାମ ବୁଡେକ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା, ସହକାରୀ ଶ୍ରମ ଅଧିକାରୀ ସପ୍ରୀତ ପ୍ରଧାନ, ପୁଆ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗଙ୍କ ସମେତ ଗାଁର ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର, ସରପଞ୍ଚ ଶ୍ରୀ ଡାଙ୍ଗ ୨ ହଜାର ଟଙ୍କା ଦେଇଥିବା ବେଳେ ପ୍ରଶାସନ ତରଫରୁ ଶ୍ରମ ଅଧିକାରୀ ପ୍ରଥମ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଦେବାସହ ସରକାରୀ ନିୟମ ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ଭାଇ କୁଶଳେଶ୍ୱର ମୁଖାଗ୍ନି ଦେଇଥିଲେ। ଧ୍ରୁବଲେଶ୍ୱରଙ୍କ ମୃତ ଶରୀର ତାମିଲନାଡୁରୁ ପୁଆକୁ ଆଣିବାରେ ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ, ମେଣ୍ଡା ଫାଣ୍ଡି ଅଧିକାରୀ ରବୀନ୍ଦ୍ର ସାହୁ ଓ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଖାଖା ସହଯୋଗ କରିଥିବାରୁ ସେଠ ପରିବାର ସେମାନଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି।

## ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଏବଂ ରନ୍ଧନ ପ୍ରତିଯୋଗିତା

**ବୌଦ୍ଧ, ୨୩।୧୨(ସମିସ):** ବୌଦ୍ଧ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକାଙ୍କ ପ୍ରଶିକ୍ଷଣ ଶିବିର ଓ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଡେଟଲ ୱାସ୍ ଅନୁଷ୍ଠାନର ସଦସ୍ୟ ମଧ୍ୟାହ୍ନ ଭୋଜନ ରୋଷେଇର ପ୍ରଣାଳୀ, ପରିଷ୍କାର ପରିଚ୍ଛନ୍ନତା ସହ ପରିମଳ ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମୁର୍ଶୁଣି-୧ କ୍ଲଷ୍ଟର ସିଆରସିସି ରଶ୍ମି ରଞ୍ଜନ ଦାଶ ଓ ବୌଦ୍ଧ ଟାଉନ୍ କ୍ଲଷ୍ଟର ସିଆରସିସି ସତ୍ୟନାରାୟଣ ସାହୁଙ୍କ ସମେତ ଉଭୟ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପାଚିକା ଓ ସହାୟିକା ଅଂଶଗ୍ରହଣ କରିଥିଲେ।

## ପିଣ୍ଡବ୍ରହ୍ମାଣ୍ଡ ଓ ପଞ୍ଚଭୂତ ମହାଯଜ୍ଞ ଉଦ୍‌ଯାପିତ

**ବାଉଁଶୁଣି, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡା ପଞ୍ଚାୟତ ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ମଧ୍ୟ ଇଂରାଜୀ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ର ଓ ବିଜୟା ୟୁଥ୍ କ୍ଲବ୍ ପକ୍ଷରୁ ପିଣ୍ଡ ବ୍ରହ୍ମାଣ୍ଡ ଓ ମହାଯଜ୍ଞର ଉଦ୍‌ଯାପନୀ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଦିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନୟନ ମହାନ୍ତିଙ୍କ ଦ୍ୱାରା ସୁସ୍ଥ ଓ ନିରୋଗ ରହିବା ପାଇଁ ଯୋଗର ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଜନ ସାଧାରଣଙ୍କୁ ନେଇ ସହାଜପାଲ ଅଞ୍ଚଳରେ ମାନବ ଶୃଙ୍ଖଳ ମାଧ୍ୟମରେ ପିଣ୍ଡ ବ୍ରହ୍ମାଣ୍ଡ ଓ ପଞ୍ଚଭୂତ ତତ୍ତ୍ୱ ଉପରେ ସଚେତନତା କରାଯାଇଥିଲା। ଏହାପରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ ମେଣ୍ଡିଲିଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲୋଚକ ରୂପେ ଅଧିବକ୍ତା ସୁଧୀର କର୍ଣ୍ଣ, ଅଶୋକ ସାହୁ, ପ୍ରାକ୍ତନ ଅଧ୍ୟାପକ ବାସୁଦେବ ପାତ୍ର, ଶମ୍ଭୁ ପ୍ରସାଦ ପଣ୍ଡା, ପ୍ରବୀର ଦାସ ଯୋଗ ଦେଇଥିଲେ। ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭରତ ମେହେରଙ୍କ ଅଧ୍ୟକ୍ଷତାରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବନ ସଂରକ୍ଷକ ମୀନାକ୍ଷୀ କୁମୁରା ଯୋଗଦେଇ ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବାକୁ ହେଲେ ବ୍ୟାପକ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ୍ ଶମ୍ଭୁ ଗିରି, ପ୍ରଧାପକ ବାସୁଦେବ ପାତ୍ର ଓ ଶମ୍ଭୁ ଭୂଷଣ ପଣ୍ଡା, ଅଧ୍ୟାପକ ପ୍ରବୀର ଦାସ ଓ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ ଚାନ୍ଦ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ ଦୃଢ଼ ଇଚ୍ଛା ଶକ୍ତି ବଳରେ ପିଣ୍ଡ ଓ ବ୍ରହ୍ମାଣ୍ଡ ଉପରେ ଅବଗତ କରାଇ ନଚିକେତା ଭଳି ଛାତ୍ର ସୃଷ୍ଟି ହେବାକୁ ପରାମର୍ଶ ଦେଇଥିଲେ। ଗପ ମାଧ୍ୟମରେ ରାମାୟଣ ମହାଭାରତକୁ ନେଇ କର୍ମଫଳ କିପରି କର୍ତ୍ତା ପାଖକୁ ପହଞ୍ଚି ଥାଏ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ କଳାକାର ଓ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଯଜ୍ଞ କମିଟି ଉଦ୍ୟୋକ୍ତା ଚେତାରାମ୍ ପଟ୍ଟନାୟକଙ୍କ, ନିରଞ୍ଜନ ମେହେର, ସମିତି ସଭ୍ୟା ସତ୍ୟଭାମା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଦସ୍ତଖତ ଅଭିଯାନ







**ବୀରମହାରାଜପୁର/ସୁବଳୟା, ୨୩।୧୨(ସମିସ):**

ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ବୀରମହାରାଜପୁର ଶାଖା ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ୨୦୦୮ରୁ ୨୦୧୮ ମଧ୍ୟରେ ଅଧ୍ୟାପକ ଏବଂ କର୍ମଚାରୀ ରାଜ୍ୟର ବିଭିନ୍ନ ଅନୁଦାନ ତଥା ଅଣଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ନିଯୁକ୍ତି ପାଇ କାର୍ଯ୍ୟ ତୁଲାଇ ଆସୁଛନ୍ତି। ୧୯୭୯ ମସିହା ଶିକ୍ଷାନୀତି ପ୍ରଣୟନରୁ ପ୍ରତି ୫ ବର୍ଷରେ ଥରେ ଅନୁଦାନ ତଥା ଅଣଅନୁଦାନ କଲେଜରେ କାର୍ଯ୍ୟରତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଅନୁଦାନ (ଜିଆଇଏ) ପ୍ରଦାନ କରାଯାଉଥିବା ବେଳେ ୨୦୧୪ ମସିହା ପରଠୁ ନୂତନ ଅନୁଦାନ ନୀତି ପ୍ରଣୟନ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଦସ୍ତଖତ ଅଭିଯାନରେ ଜିଲ୍ଲା ସଂଯୋଜକ ଉଦ୍ଧବ ପଧାନ, ଖଣ୍ଡ ସଂଯୋଜିକା ସନ୍ତୋଷିନୀ ନାୟକ, ସରିତା ମିଶ୍ର, ଦୀପିକା ତ୍ରିପାଠୀ, ରାଜୀବ ମହାପାତ୍ର, ସଞ୍ଜୟ ପଧାନ, ଜିତେନ୍ଦ୍ର କୁମାର ସାହୁ ଓ ସିଦ୍ଧେଶ୍ୱର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

**ବିନିକା:** ବିନିକା ବ୍ଲକ ସଂଯୋଜକ ବିଶ୍ୱନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ବିନିକା ଅଞ୍ଚଳର ବିଭିନ୍ନ ଅନୁଦାନ ଓ ଅଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟରେ ନିଯୁକ୍ତ କର୍ମଚାରୀମାନଙ୍କ ପାଖାରୁ ଆଜିଠାରୁ ଦସ୍ତଖତ ସଂଗ୍ରହ କରାଯାଇଛି। ଏହା ଜାନୁଆରୀ ୫ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ରଞ୍ଜନ ମିଶ୍ର, ରୋହିତ ଧରୁଆ, ଝଲକ ମିଶ୍ର, ଭଗବାନ ସାହୁ, ମାଧବ ପ୍ରଧାନ, ମାନସ ନାୟକ, ଅଧ୍ୟାପିକା ମୀତାଲି ପ୍ରଧାନ, ଜାନକୀ ସାମନ୍ତ, ଦିବ୍ୟାଲୋକା ମହାପାତ୍ର, ବିଘ୍ନେଶ୍ୱରୀ ପୂଜାରୀ, ଭାରତୀ ବାବୁ ପ୍ରମୁଖ ସାମିଲ ହୋଇଥିଲେ।

## ଶିମିଳିପଦର ପାକ୍ସରେ ଖରିଫ ଧାନକ୍ରୟ ଆରମ୍ଭ



**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଶିମିଳି ପଦର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଚଳିତ ଖରିଫ ଧାନ କ୍ରୟ ଶୁଭାରମ୍ଭ କାର୍ଯ୍ୟକ୍ରମ ହୋଇଛି। ସମିତିର ସଭାପତି ସୁମନ୍ତ ମିଶ୍ର ପାରମ୍ପରିକ ପୂଜାର୍ଚ୍ଚନା କରି ଧାନ କ୍ରୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମିତିର ସମ୍ପାଦକ ଅମରୀଶ ବାଘ, ନୋଡାଲ ଅଫିସର ଜୟଦେବ ପ୍ରଧାନ, ଚାଷୀ ସଞ୍ଜୀବ ନାଏକ, ଯଦୁମଣି ବଗର୍ତ୍ତି, ବାଳମୁକୁନ୍ଦ ବିଶି, ନିରଞ୍ଜନ ବାଘ, ଗଣେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାଣି ପଞ୍ଚାୟତ ସଚେତନତା ରଥର ଶୁଭାରମ୍ଭ



**ବୌଦ୍ଧ,୨୩।୧୨(ସମିସ):** ଜଳସେଚନ ପାଇଁ ଜଳର ସୁଷମ ବଣ୍ଟନ ନିମନ୍ତେ ପାଣି ପଞ୍ଚାୟତ ପକ୍ଷର ଶୁଭାରମ୍ଭ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପାଣି ପଞ୍ଚାୟତର ସ୍ୱତନ୍ତ୍ର ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସେଲେଇ ନାଏକ, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ନରେଶ ବାରିକ ପ୍ରମୁଖ ପତାକା ଦେଖାଇ ଶୁଭାରମ୍ଭ କରିଥଲେ। ଏହି ରଥ ୧୫ଦିନ ଯାଏଁ ବୌଦ୍ଧ ଜିଲ୍ଲାର ୩ ବ୍ଲକ କନ୍ଧମାଳ, ବୌଦ୍ଧ ଓ ହରଭଙ୍ଗାର ବିଭିନ୍ନ ଗ୍ରାମକୁ ଯାଇ ସଚେତନତାର ବାର୍ତ୍ତା ପ୍ରଦାନ କରିବ।

## ଜ୍ଞାନମ୍ ଶିକ୍ଷା ସଦନର କ୍ରୀଡ଼ା ଉତ୍ସବ




**ପଳଶାଗୋରା, ୨୩।୧୨(ସମିସ):** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ପଳଶାଗୋରାସ୍ଥିତ ଅନନ୍ତ ଏଜୁକେସେନାଲ୍ ଚାରି ଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଜ୍ଞାନମ୍ ଶିକ୍ଷା ସଦନର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମିଳିତ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଞ୍ଜୀବ ପ୍ରହରାଜ, ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ପ୍ରଧାନ ଓ ସତ୍ୟବାନ୍ ଦଣ୍ଡଆସୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସଭାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପରିଚାଳନା କମିଟି ସମ୍ପାଦକ ଧନଞ୍ଜୟ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଖଟଖଟିଆରେ ସୁଶାସନ ଦିବସ

**ଶଗଡ଼ା, ୨୩।୧୨(ସମିସ):** ସୁଶାସନ ସପ୍ତାହ ଉପଲକ୍ଷେ କନ୍ଧମାଳ ବ୍ଲକ ଖଟଖଟିଆ ପଞ୍ଚାୟତ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମୂଲ୍ୟବୋଧ ଶିକ୍ଷା ଉପରେ ଆଲୋଚନା



**ହରଭଙ୍ଗା, ୨୩।୧୨(ସମିସ):** ହରଭଙ୍ଗା ବ୍ଲକ ପୁରୁଣାକଟକ ଭୈରବୀ ଡିଗ୍ରୀ କଲେଜର ଶିକ୍ଷା ବିଭାଗ ଆନୁକୂଲ୍ୟରେ ମୂଲ୍ୟବୋଧ ଶିକ୍ଷା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗର ମୁଖ୍ୟା ସୁଷମା ରାଣୀ ବହିଦାର ଏବଂ ଅଧ୍ୟାପକ ପୀତବାସ ମେହେରଙ୍କ ତତ୍ତ୍ୱାବଧାନରେ ସୁଷମା ରାଣୀ ବହିଦାର, ଡ. ରମେଶ ଚନ୍ଦ୍ର ତାରେଣୀଆଁ, ଅଧ୍ୟାପକ ଲଳୀତ ମେହେର, ରଞ୍ଜିତ ସାମଲ, ଅଧ୍ୟାପିକା ସୁଭ୍ରା ମଲ୍ଲିକା ପ୍ରଧାନ, ପୂଜାରାଣୀ ଦେଓ, ଦମୟନ୍ତୀ ନାଏକ ଯୋଗ ଦେଇଥିଲେ। ଅଧ୍ୟାପକ ପୀତବାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକଙ୍କ ଦସ୍ତଖତ ଅଭିଯାନ

**କନ୍ଧମାଳ, ୨୩।୧୨(ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଶିକ୍ଷକ କର୍ମଚାରୀ ସଂଘର ଦାବି ଗୁଡିକ ପ୍ରତି ରାଜ୍ୟ ସରକାର ଅଣଦେଖା କରୁଥିବା ଅଭିଯୋଗରେ ବୌଦ୍ଧ ଜିଲ୍ଲା ସଙ୍ଘ ତରଫରୁ ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଛି। ଘଣ୍ଟାପଡ଼ା ଯୁକ୍ତ ୩ ମହାବିଦ୍ୟାଳୟ ସମ୍ମୁଖରେ ବରିଷ୍ଠ ଶିକ୍ଷାବିତ କାର୍ତ୍ତିକେଶ୍ୱର ବେହେରାଙ୍କ ଦ୍ୱାରା ଏହି ଅଭିଯାନର ଶୁଭାରମ୍ଭ କରା ଯାଇଥିଲା। ଆଞ୍ଚଳିକ ଗ୍ରାମ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ସୁବାଷ ବାରିକ, ରିଚପାଲ ବଗର୍ତ୍ତୀ, ଟଙ୍କଧର କମ୍ପ, ଅଣ କର୍ମଚାରୀ ପଞ୍ଚାନନ ଚୂହାନ, କ୍ଷୀରୋଦ୍ର ରଣା ପ୍ରମୁଖ ସାମିଲ ହୋଇଥିଲେ।

## ଧାନକିଣାରୁ ଏସ୍‌ଏଚ୍‌ଜିକୁ ବାଦ୍ ଦେବା ପ୍ରତିବାଦରେ ଉତ୍ତେଜନା

**ଶଗଡ଼ା, ୨୩।୧୨(ସମିସ):** ବୌଦ୍ଧ ବ୍ଲକ କସୁରବନ୍ଧ ପଞ୍ଚାୟତ ନୂଆପାଲି ଛକରେ କସୁରବନ୍ଧ ଅଞ୍ଚଳର ଚାଷୀଙ୍କ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କ୍ରୟରୁ ବାଦ ଦେବା ଘଟଣାକୁ ନେଇ ଏହି ଘଟଣା ଘଟିଥିଲା। ଜିଲ୍ଲାପାଳ ଖଟଖଟିଆ ପଞ୍ଚାୟତର ଜନ ଶୁଣାଣି ଶିବିରକୁ ଯିବାକୁ ଥିବା ବେଳେ ତାଙ୍କୁ ଦାବିପତ୍ର ଦେବାକୁ ଶହ ଶହ ଚାଷୀ ଜାତୀୟ ରାଜପଥ ନଂ ୫୭ର ନୂଆପାଲି ଛକ ନିକଟରେ ରୁଣ୍ଡ ହୋଇଥିଲେ; ମାତ୍ର ଜିଲ୍ଲାପାଳ ଅନ୍ୟ କୌଣସି ଗାଡ଼ିରେ ଚାଲିଯିବାରୁ ଲୋକେ ଦାବିପତ୍ର ଦେଇପାରି ନ ଥିଲେ। ଏହାଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବୌଦ୍ଧ ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ ଓ ମନମୁଣ୍ଡା ଥାନା ଅଧିକାରୀ ତପନ ତରୁଣ ବେହେରା ନୂଆପାଲି ଛକରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ।

● ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀ ପମ୍ପହାଉସ୍ ଜମି ଚିହ୍ନଟକୁ ବିରୋଧ

# ତହସିଲଦାରଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ



କୁତ୍ରା, ୨୩।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ତହସିଲ ଅଧୀନ ଲକ୍ଷ୍ମୀପୋଷ ଗ୍ରାମ ଜାମପାଲିଠାରେ ଥିବା ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନୀର ପମ୍ପହାଉସ ନିର୍ମାଣ ପାଇଁ କୁତ୍ରା ତହସିଲ ପକ୍ଷରୁ ଜମି ଚିହ୍ନଟ ପ୍ରକ୍ରିୟାକୁ ଲକ୍ଷ୍ମୀପୋଷ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ଏକ ଦାବିପତ୍ର କୁତ୍ରା ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। କୁତ୍ରା ତହସିଲ ପକ୍ଷରୁ ଲକ୍ଷ୍ମୀପୋଷ ଗ୍ରାମରେ ଖାତା ନଂ ୮୫ ପ୍ଲଟନମ୍ବର ୬୮୨ ଓ ୬୮୨/୨୬ କିସମ ପତିତ ଜମିରେ ଜାମପାଲିଠାରେ ଥିବା ଓସିଏଲ୍ ଆଇରନ୍ ଏଣ୍ଡ ଷ୍ଟିଲ୍ କମ୍ପାନୀ ଏକ ପମ୍ପହାଉସ୍ ନିର୍ମାଣ ପାଇଁ ଜମି ଚିହ୍ନଟ କରିବାକୁ ଏକ ନୋଟିସ୍ କରାଯାଇଛି। ଏହି ଜମି ଚିହ୍ନଟ ପ୍ରକ୍ରିୟା ପାଇଁ ଗ୍ରାମବାସୀଙ୍କ ସହମତି ନେଇନଥିବା, ଗ୍ରାମସଭା ବା ପଲ୍ଲୀସଭା କରାଯାଇ ମଞ୍ଜୁରୀ ନେଇନଥିବାରୁ ଏହି ଜମି ଚିହ୍ନଟ ପ୍ରକ୍ରିୟାକୁ ଖାରଜ କରିବା ପାଇଁ ଲକ୍ଷ୍ମୀପୋଷ ଗ୍ରାମବାସୀ କୁତ୍ରା ତହସିଲଦାରଙ୍କ ପାଖରେ ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉ ଯେ ଗତ ୧୦ବର୍ଷ ତଳେ ଉକ୍ତ ଜମିକୁ ଚିହ୍ନଟ କରି ଓସିଏଲ୍ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍‌କୁ ପମ୍ପହାଉସ୍ ନିର୍ମାଣ ପାଇଁ ପ୍ରଦାନ କରିବାକୁ କୁତ୍ରା ତହସିଲ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ଗ୍ରାମବାସୀଙ୍କ ବିରୋଧ ପରେ ତତ୍କାଳୀନ ଜିଲ୍ଲାପାଳ ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକୁ ନେଇ ଅନ୍ୟ ଏକ ସ୍ଥାନ ପମ୍ପହାଉସ୍ ପାଇଁ ବାଛିବା ପାଇଁ ନିର୍ଦ୍ଦେଶ ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅଭିଯୋଗ ସତ୍ତ୍ୱେ ବାରମ୍ବାର ଉକ୍ତ ଜମି ଚିହ୍ନଟ ପ୍ରକ୍ରିୟାକୁ ଗ୍ରାମବାସୀ ବିରୋଧ କରି ଉଚିତ ପଦକ୍ଷେପ ପାଇଁ କୁତ୍ରା ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି।

## ସୁନ୍ଦରଗଡ଼ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଧିମା

# ୪ ଦିନରେ ୯ ଚାଷୀଙ୍କଠାରୁ ୩୩୨ କ୍ୱିଣ୍ଟାଲ ସଂଗ୍ରହ

ସୁନ୍ଦରଗଡ଼, ୨୩।୧୨(ସମିସ)



କୃଷି ପ୍ରଧାନ ସୁନ୍ଦରଗଡ଼ ଜିଲ୍ଲାରେ ବହୁ ବିଳମ୍ବରେ ଖରିଫ ଧାନ ସଂଗ୍ରହ ଆରମ୍ଭ ହେବା ଘଟଣାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ଶୁଭାରମ୍ଭର ଇତିମଧ୍ୟରେ ଚାରି ଦିନ ବିତି ଯାଇଥିଲେ ହେଁ ଧାନ ସଂଗ୍ରହରେ ଆଖି ଦୃଶିଆ ଅଗ୍ରଗତି ନ ଘଟିବା ଉଦ୍‌ବେଗର କାରଣ ହୋଇଛି। ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନ୍‌ପୁଟ୍ ସହାୟତା ଯୋଗାଇବା ଲକ୍ଷ୍ୟ ନେଇ ଡିସେମ୍ବର ୨୦ରୁ ଖରିଫ ଧାନ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଣୁ ପଞ୍ଜିକୃତ ଚାଷୀ ଏହି ଦିନରୁ ମଣ୍ଡିରେ ନିଜ ଧାନ ବିକ୍ରୟ ପାଇଁ ଚାହିଁ ରହିଥିଲେ। ତେବେ ଏହି ଦିନ ଜିଲ୍ଲାର କେବଳ ୨ଟି ସ୍ଥାନରେ ଖରିଫ ଧାନ ସଂଗ୍ରହର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାରେ ୪୭ଟି କୃଷି ସମବାୟ ସଂସ୍ଥା ଓ ୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୫୪୪୪୧ ଜଣ ଚାଷୀଙ୍କ ଠାରୁ ମୋଟ୍ ୧୯୪୩୩୮.୨୩୫ ମେଟ୍ରିକ୍ ଟନ ଧାନ କିଣାଯିବାର ଲକ୍ଷ୍ୟ ରଖା ଯାଇଛି। ତେବେ ଏହି ୪ ଦିନ ମଧ୍ୟରେ କେବଳ ୬ଟି ସମବାୟ ସଂସ୍ଥା ଜରିଆରେ କେବଳ ୯ ଜଣ ଚାଷୀଙ୍କ ଠାରୁ ମାତ୍ର ୩୩୨.୩୦ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ସରକାରୀ ତଥ୍ୟ କହୁଛି। ଗୋଟିଏ ବି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ ସଂଗ୍ରହ ଆରମ୍ଭ କରି ନାହାନ୍ତି। ଅପରପକ୍ଷରେ ସଂପ୍ରତି ଜିଲ୍ଲାରେ ୧୦୨ଟି ନୂତନ ଲ୍ୟାମ୍ପସ୍‌କୁ ମିଶାଇ ୧୪୯ଟି କୃଷି ସମବାୟ ସଂସ୍ଥା ରହିଥିବାରୁ ଅତି କମ୍‌ରେ ୧୪୯ଟି ମଣ୍ଡି ଖୋଲା ଯିବାର ଆବଶ୍ୟକତା ରହିଛି। ହେଲେ ଜିଲ୍ଲାରେ ମାତ୍ର ୧୩୩ଟି ମଣ୍ଡି ଖୋଲା ଯିବାର ପ୍ରସ୍ତାବ ରହିଛି। ଏଣୁ ବାଦ୍ ପଡ଼ିଥିବା ନୂତନ ଲ୍ୟାମ୍ପସ୍ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ପଞ୍ଜିକୃତ ଚାଷୀଙ୍କ ଠାରୁ ଖରିଫ ଧାନ କ୍ରୟ ନେଇ ଆଶଙ୍କା ଦେଖା ଦେଇଛି।

## ଛାତ୍ରୀଙ୍କ ଗଳିତ ଶବ ଉଦ୍ଧାର; ହତ୍ୟା ସନ୍ଦେହ

ସୁନ୍ଦରଗଡ଼, ୨୩।୧୨(ସମିସ): ନଅ ଦିନ ତଳୁ ନିଖୋଜ ରହିଥିବା ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଜୋରୀ ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କ ଗଳିତ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ପାହାଡ଼ି ବାବା ପାହାଡ଼ର ଏକ ଗଛରେ ତାଙ୍କ ଚୁନିରେ ଫାଶି ଲଗାଇବା ଅବସ୍ଥାରେ ଗଳିତ ଶବ ଝୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ରତନପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୀତାକାନ୍ତ ପଟେଲ ଏ ନେଇ ପୁଲିସକୁ ସୂଚନା ଦେବା ପରେ ଆଇଆଇସି ସସ୍ମିତା ଦେବତା ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାଥମିକ ତଦନ୍ତ ପରେ ମୃତଦେହ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଶାବାଗାରରେ ସଂରକ୍ଷିତ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ମୃତା ଛାତ୍ରୀ ହେଲେ ଗ୍ରାମର ମନୋଜ ବାଗଙ୍କ ଝିଅ ମନିକା ବାଗ (୧୪)। ସେ ଗତ ୧୫ ତାରିଖରୁ ନିଖୋଜ ଥିଲେ। ନାବାଳିକାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆ ଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତାଙ୍କ ମୋବାଇଲର ପତ୍ତା ମିଳିପାରିନାହିଁ। ଅପରପକ୍ଷରେ ଏତେ ଦିନ ତଳୁ ଝିଅ ନିଖୋଜ ରହିଥିଲେ ହେଁ ପରିବାର ଲୋକେ ଥାନାରେ ଏ ନେଇ ଅଭିଯୋଗ ନ କରିବା ଘଟଣାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରୁଛି। ପୁଲିସ ତଦନ୍ତ ଜାରି ରହିଛି।

## ମାରପିଟ୍ ଅଭିଯୋଗରେ ଜଣେ କୋର୍ଟ ଚାଲାଣ

ହେମଗିରି, ୨୩।୧୨(ସମିସ): ମାଡ଼ ମାରିବା ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ହେମଗିରି ଥାନା ପୁଲିସ। ହେମଗିରି ଥାନା ଛତାବରର ଶୂଦ୍ର ନାରଙ୍ଗ(୫୩) କରିଥିବା ଅଭିଯୋଗ ଅନୁଯାୟୀ ସେହି ଗ୍ରାମର ଧର୍ମେନ୍ଦ୍ର ନାରଙ୍ଗ ତାଙ୍କ ପୁଅ, ମା ଏବଂ ସ୍ତ୍ରୀକୁ ଠେଙ୍ଗାରେ ମାଡ଼ ମାରିଥିଲେ। ଅଭିଯୋଗ ପରେ ପୁଲିସ ଧର୍ମେନ୍ଦ୍ର ନାରଙ୍ଗଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୦ ତାରିଖ ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଧର୍ମେନ୍ଦ୍ର ନାରଙ୍ଗ ଶୂଦ୍ର ନାରଙ୍ଗଙ୍କ ପୁଅ, ମା' ଏବଂ ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟିଥିବା ଅଭିଯୋଗ ହୋଇଥିଲା।

## ଚୋରି କରି ଛେଚା ଖାଇଲେ ଏବିପିଏମ୍

ସୁନ୍ଦରଗଡ଼, ୨୩।୧୨(ସମିସ): ଲେଫ୍ରିପଡ଼ା ବ୍ଲକ ମୁଖ୍ୟାଳୟ ଠାରୁ ଅନତି ଦୂରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଥିବା ଟଙ୍କଧର ବେହେରାଙ୍କ ରାସନ ଦୋକାନରେ ଚୋରି କରୁଥିବା ଜଣେ ଏବିପିଏମ ଧରାପଡ଼ି ଛେଚା ଖାଇବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସଂପୃକ୍ତ ଏବିପିଏମ୍ ବିଳମ୍ବିତ ରାତିରେ ଶିଡ଼ି ସାହାଯ୍ୟରେ ଛାତ ଉପରକୁ ଚଢ଼ି ଦୋକାନ ଭିତରକୁ ପଶିବା ସହ କ୍ୟାସ୍ କାଉଣ୍ଟରରୁ ଟଙ୍କା ଚୋରି କରୁଥିଲେ। ଦୋକାନ ଭିତରେ ଶୋଇଥିବା ଦୋକାନ ମାଲିକ ଓ ତାଙ୍କ ସ୍ତ୍ରୀ କିଛି ଶବ୍ଦ ଶୁଣି ହଠାତ୍ ଉଠିପଡ଼ି ଦୋକାନର ଲାଇଟ୍ ଜଳାଇ ଥିଲେ। ଚୋରଙ୍କୁ ଦେଖିବା ପରେ ଉପସ୍ଥିତ ବୁଦ୍ଧି ଖଟାଇ ତାଙ୍କୁ ଅଟକ ରଖିଥିଲେ। ନିଜ ପୁଅ ଓ ସାନ ଭାଇଙ୍କୁ ଫୋନ୍ କରି ଡାକିଥିଲେ। ପରିବାରର ସମସ୍ତେ ଘଟଣାସ୍ଥଳରେ ପହଞ୍ଚି ଏହି ଏବିପିଏମ୍‌ଙ୍କୁ ଉତମ ମଧ୍ୟମ ଦେଇଥିଲେ। ସଂପୃକ୍ତ ବ୍ୟକ୍ତି ଜଣକ ବାଲିଶଙ୍କରା ବ୍ଲକ ଅଞ୍ଚଳର ଏକ ପୋଷ୍ଟ ଅଫିସରେ ବିପିଏମ୍ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ଓ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏହା ପରେ ତାଙ୍କୁ ଲେଫ୍ରିପଡ଼ାରେ ଏବିପିଏମ ଭାବେ ନିଯୁକ୍ତ କରାଯାଇଛି। ତାଙ୍କ ବିରୋଧରେ ପୂର୍ବରୁ ଅନେକ ଜମାକାରୀଙ୍କ ଟଙ୍କା ହଡ଼ପର ମଧ୍ୟ ଅଭିଯୋଗ ରହିଛି। ଏ ନେଇ ସ୍ଥାନୀୟ ଲେଫ୍ରିପଡ଼ା ଥାନାରେ ଅଭିଯୋଗ ହୋଇ ନ ଥିବା ପୁଲିସ କହିଛି।

## ଏବିଭିପି ସୁନ୍ଦରଗଡ଼ ନଗର ସମ୍ମିଳନୀ

ସୁନ୍ଦରଗଡ଼, ୨୩।୧୨(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ର ସୁନ୍ଦରଗଡ଼ ନଗର ପକ୍ଷରୁ ସ୍ଥାନୀୟ ଆର୍‌ଆର୍‌ଆଇଟି ଶିବ ମନ୍ଦିର ପରିସରରେ




ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଭିପି ସୁନ୍ଦରଗଡ଼ ବିଭାଗର ବିଭାଗ ସଂଯୋଜକ ଗୋପାଳ ନାଏକ ନଗର ସଭାପତି ଭାବେ ଶୁଭ୍ରାଂଶୁ ସାମନ୍ତରାୟ, ନଗର ସମ୍ପାଦକ ଭାବେ ହ୍ରିତିକା ପଟେଲଙ୍କ ନାମ ଘୋଷଣା କରିଥିଲେ। ସେହିପରି ଇନ୍ଦ୍ରମଣି ମହାନନ୍ଦିଆଙ୍କୁ ରାଷ୍ଟ୍ରୀୟ କଳାମଞ୍ଚ ଦାୟିତ୍ୱ ଦିଆଯାଇଥିଲା। ଏବିଭିପି ସୁନ୍ଦରଗଡ଼ର ଜିଲ୍ଲା ସଂଗଠନ ମନ୍ତ୍ରୀ ନାରାୟଣ ବେହେରା, ଜିଲ୍ଲା ସଂଯୋଜକ ବାପୁନ ପଶାୟତ ପ୍ରମୁଖ ଭୂମିକା ନିଭାଇ ଥିଲେ।

● ପୂଜକଙ୍କ ସମାଧିପୀଠ ଭାଙ୍ଗିବାକୁ ବିରୋଧ

# କ୍ଷତିପୂରଣ ଦେବା ପରେ ହଟିଲା ଧାରଣା



କୁତ୍ରା, ୨୩।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଖଡକୁରବାହାଲଠାରେ ଥିବା ଜେଏସ୍‌ଡବ୍ଲୁ କମ୍ପାନୀର ଚୁନପଥର ଖଣିର କ୍ରସର୍‌କୁ ଲାଗି ରହିଥିବା ଏକ ସମାଧି ପୀଠକୁ କମ୍ପାନୀ ଭାଙ୍ଗି ଦେଇଥିବା ଅଭିଯୋଗ କରି କିଛି ଲୋକ ଏହା ବିରୋଧ କରିଥିଲେ। ଏପରିକି ଖଣି କ୍ରସର୍ ଓ ମାଲ ପରିବହନ ବନ୍ଦ କରିବା ସହିତ ସୋମବାର ଖଣି କାର୍ଯ୍ୟାଳୟ ସମ୍ମୁଖରେ ୫ ଘଣ୍ଟା ଧାରଣାରେ ବସିଥିଲେ। କ୍ଷତିପୂରଣ ବାବଦକୁ ୧ଲକ୍ଷ ୬୦ହଜାର ଟଙ୍କା ପ୍ରଦାନ ପାଇଁ ପ୍ରତିଶ୍ରୁତି ପରେ ଧାରଣା ଉଠିଥିଲା। କୁତ୍ରା ଥାନା ଖଡକୁରବାହାଲଠାରେ ଜେଏସଡବ୍ଲୁ କମ୍ପାନୀର ଏକ ଚୂନପଥର ଖଣି ରହିଛି। ଉକ୍ତ ଖଣିର କ୍ରସର୍‌କୁ ଲାଗି ଖଡକୁରବାହାଲ ଗ୍ରାମର ଜଗନ୍ନାଥ ମନ୍ଦିରର ସ୍ୱର୍ଗତ ପୂଜକ ବନମାଳୀ ଦାସଙ୍କ ସମାଧି ପୀଠ ରହିଥିଲା। ହେଲେ ଗତ ଗୁରୁବାର କମ୍ପାନୀର ଏକ ଜେସିବି ଏହାକୁ ଭାଙ୍ଗି ଦେଇଛି। ଏହି ଘଟଣାକୁ ନେଇ ସ୍ୱର୍ଗତ ବନମାଳୀ ଦାସଙ୍କ ପୁଅ ତୁଷାରକାନ୍ତ ଦାସ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରିବା ସହିତ କୁତ୍ରା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ କୁତ୍ରା ପୁଲିସ ତଥା କମ୍ପାନୀ କର୍ତ୍ତୃପକ୍ଷ ଶୁଣିନଥିବାରୁ ସେ ଗ୍ରାମବାସୀଙ୍କ ନିକଟରେ ଫେରାଦ ହୋଇଥିଲେ। ସୋମବାର ତୁଷାରକାନ୍ତ ଦାସଙ୍କ ସହିତ ଗ୍ରାମବାସୀ ଜେଏସଡବ୍ଲୁ କମ୍ପାନୀର ଖଣି, କ୍ରସର ଓ ମାଲ ପରିବହନ କାର୍ଯ୍ୟକୁ ବନ୍ଦ କରି କମ୍ପାନୀ କାର୍ଯ୍ୟାଳୟର ମୁଖ୍ୟ ରାସ୍ତା ପାଖରେ ଧାରଣାରେ ବସିଥିଲେ। ଧାରଣାର ୫ଘଣ୍ଟା ପରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ ତୁଷାରକାନ୍ତ ଦାସଙ୍କୁ କ୍ଷତିପୂରଣ ବାବଦକୁ ଏକ ଲକ୍ଷ ଷାଠିଏ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣରୁ ଉଠିଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ସୁନ୍ଦରଗଡ଼, ୨୩।୧୨(ସମିସ): ସୁନ୍ଦରଗଡ଼ ସଦର ବ୍ଲକର କବାଙ୍ଗ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ନିକଟରେ କ୍ଷୁଦ୍ର ଜଳ ସେଚନ ବିଭାଜନ ଆନୁକୂଲ୍ୟରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ୨୦୨୪-୨୫ ପାଳିତ ହୋଇ ଯାଇଛି। ଏଥିରେ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାଣି ପଞ୍ଚାୟତ ପକ୍ଷ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ



ରବି ନାରାୟଣ ସାହୁ, ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀପ୍ରିୟା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ବିମଳ ଲୋଚନ ପଟେଲ, ସୁନ୍ଦରଗଡ଼ ଉପ ବିଭାଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ଦାଶ, ସହକାରୀ ଯନ୍ତ୍ରୀ ବୁଧୁରାମ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପାଣି ପଞ୍ଚାୟତ ସମ୍ପାଦକ ପ୍ରଦୀପ କୁମାର ନାଏକ କବାଙ୍ଗ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଧୀରେନ୍ କୁମାର ନାଏକ ଅଧ୍ୟକ୍ଷତା କରିଥିବାବେଳେ ସହକାରୀ ଯନ୍ତ୍ରୀ ସସ୍ମିତା ପାଢ଼ୀ ସଭା ପରିଚାଳନା କରିଥିଲେ। ଶେଷରେ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୀଲ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପାଣି ପଞ୍ଚାୟତ ସଚେତନତା ରଥକୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଶୁଭାରମ୍ଭ କରିଥିଲେ।

## ତୁମୁଲିଆରେ ଧାନମଣ୍ଡି ଶୁଭାରମ୍ଭ

ବାଲିଶଙ୍କରା, ୨୩।୧୨(ସମିସ): ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ନିକଟରେ ଥିବା ଖଳାରେ ସୋମବାର ଚାଷୀଙ୍କ ଧାନ କିଣା ଶୁଭାରମ୍ଭ ହୋଇଛି। ଏହାକୁ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ ଓ ତହସିଲଦାର ଗୌରହରି ମହନ୍ତ ପୂଜାର୍ଚ୍ଚନା ପରେ ଆରମ୍ଭ କରିଥିଲେ। ଏହି ଧାନ ମଣ୍ଡିର ଦାୟିତ୍ୱ ନେଇଛନ୍ତି ମା' ମଙ୍ଗଳା ସ୍ୱୟଂ ସହାୟକ ଗ୍ରୁପ୍। ଉକ୍ତ ଉତ୍ସବରେ ସ୍ୱୟଂ ସହାୟିକା ମହିଳାଙ୍କ ସହ ବନିତା ପେରୁଆ, ସୁରେଶ କେର୍କେଟା, ଶିଶିର ସାହୁ ଓ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ। ଏଠାରେ ସୋମବାର, ମଙ୍ଗଳବାର, ବୁଧବାର, ଶୁକ୍ରବାର, ଶନିବାର ଏପରି ୫ ଦିନ ଚାଷୀଙ୍କଠାରୁ ଧାନ କିଣା ହେବ ବୋଲି ଗ୍ରୁପ୍‌ର ସଭ୍ୟାମାନେ ମତ ଦେଇଥିଲେ।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

ବାଲିଶଙ୍କରା, ୨୩।୧୨(ସମିସ): ସୁନ୍ଦରଗଡ଼ ଜଳସେଚନ ବିଭାଜନ ଆନୁକୂଲ୍ୟରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ



ଓଡ଼ିଶା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ, ସୁନ୍ଦରଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ତନୟା ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର ଦେଉରିଆ, ଇଂ ମୈତ୍ରୀ ପରିଡ଼ା, ଇଂ ଧୀରେନ୍ଦ୍ର କୁମାର ନାଏକ ଯୋଗଦେଇ ସେଚାଞ୍ଚଳରେ ଜଳର ସୁଷମ ବଣ୍ଟନ, କେନାଲର ରକ୍ଷଣାବେକ୍ଷଣ, ପାଣି ପଞ୍ଚାୟତର ଦାୟିତ୍ୱ ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ହୋଇଥିବା ବ୍ଲକସ୍ତରୀୟ ରଚନା, ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ନଟରାଜ କଳା ପରିଷଦ, ସୁନ୍ଦରଗଡ଼ ଓ ମା' ସରସ୍ୱତୀ ସଙ୍ଗୀତ ପରିଷଦର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାକୁ ଇଂ ଗିରିଧାରୀ ବେଟି ପରିଚାଳନା କରିଥିଲେ। ଇଂ ଗୋବିନ୍ଦ ମାଝୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ସାଇକଲ ଚାଳନା



ସୁନ୍ଦରଗଡ଼, ୨୩।୧୨(ସମିସ): ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଆନୁକୂଲ୍ୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ସାଇକେଲ ଚାଳନା କାର୍ଯ୍ୟକ୍ରମରେ ୭ କିମି ସାଇକଲ ଚାଳନା କରାଯାଇଛି। ହକି କୋଚ୍ ଆବ୍ରାହାମ୍ କିସପଟ୍ଟା ଏହାର ଶୁଭାରମ୍ଭ କରିଥିଲେ। ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ସାଇକଲ ଚାଳକଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଭବାନୀପୁରସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଖେଳ ପ୍ରଶିକ୍ଷଣ କେନ୍ଦ୍ରର କ୍ରୀଡ଼ାବିତମାନେ ସୋମବାର ସକାଳ ସାଢ଼େ ସାତଟା ସମୟରେ ସାଇକଲ ଚାଳନା କରି ସ୍ଥାନୀୟ ମିଶନ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେହିପରି ସୁସ୍ଥ ପରିବେଶ ଏବଂ ସୁସ୍ଥ ଶରୀର ପ୍ରତି ଲୋକଙ୍କୁ ସଚେତନ କରିଥିଲେ।

## ଜେଏନ୍‌ଭିରେ ବିଜ୍ଞାନ ଜ୍ୟୋତି ଓ ଟିଙ୍କରିଂ କାର୍ଯ୍ୟକ୍ରମ



ସୁନ୍ଦରଗଡ଼, ୨୩।୧୨(ସମିସ): ଜିଙ୍କନଗରସ୍ଥିତ ପିଏମ୍‌ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଚାରିଦିନ ଧରି ଯୁଗ୍ମ କାର୍ଯ୍ୟକ୍ରମ ବିଜ୍ଞାନ ଜ୍ୟୋତି ଓ ଟିଙ୍କରିଂ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତାପସ କୁମାର ଚଟ୍ଟୋପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଗଣେଶ ୟାରମ ସେଟ୍ଟୀ ଓ ମହେଶ ସାରଙ୍କ ମାର୍ଗଦର୍ଶନରେ ସୁନ୍ଦରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୧୪ ଜଣ ଓ ନବୋଦୟ ବିଦ୍ୟାଳୟର ୨୯ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭାକ୍ୟୁମ୍ କ୍ଲିନର୍ ଓ ଫ୍ୟାନ୍, ଇଲେକ୍ଟ୍ରିକ୍ ଉପକରଣକୁ କୋଡିଂ ଦ୍ୱାରା ସଂଚାଳନ, ରେଡ୍ଓ କାର ନିର୍ମାଣ, ସେନ୍ସର୍‌ର ପ୍ରୟୋଗ ଉପରେ ଆଲୋଚନା ଓ ବ୍ୟାବହାରିକ ଜ୍ଞାନ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ତିମ ଦିବସରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯିବା ସହ ବିଦ୍ୟାଳୟ ପକ୍ଷରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ଚଟ୍ଟୋପାଧ୍ୟାୟ ପ୍ରତିଭାଗୀ ଯେପରି ଭବିଷ୍ୟତରେ ସମାଜ କଲ୍ୟାଣ ମୂଳକ ଗବେଷଣାରେ ମନୋନିବେଶ କରିବେ, ଉତ୍ସାହପ୍ରଦ ମନ୍ତବ୍ୟ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ଦୀପିକା ଟିଗ୍ଗା ଯୋଗ ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଜୟଶ୍ରୀ ଓ ଚିରଞ୍ଜିତ ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ମହିଳା କଲେଜରେ ଜାତୀୟ ଗଣିତ ଦିବସ



ସୁନ୍ଦରଗଡ଼, ୨୩।୧୨(ସମିସ): ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକ ଏଥିରେ ସଭାପତିତ୍ୱ କରି ଗଣିତକୁ କିପରି ସବୁ କ୍ଷେତ୍ରରେ ଉପଯୋଗ କରିହେବ ସେ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଡକ୍ଟର ବିଜନ କୁମାର ପଟେଲ ଗଣିତ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ୱେବିନାରରେ କିଟ୍ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଉତ୍କଳ କେଶରୀ ଦତ୍ତଙ୍କ ଦ୍ୱାରା ବାଲାସିଂ ନମ୍ବର ଆଣ୍ଡ ଲୁକ୍‌ସ ନମ୍ବର ଉପସ୍ଥାପିତ ହୋଇଥିଲା। ଗଣିତ ବିଭାଗର ଇପ୍ସିତା ମହାନ୍ତି ରାମାନୁଜନ୍‌ଙ୍କ ମ୍ୟାଜିକ ନମ୍ବର ଓ ମ୍ୟାଜିକ୍ ସ୍କୋୟାର ଉପରେ କହିଥିଲେ। ଶେଷରେ ବିଭାଗର ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ପୁଲିସ ଉପସ୍ଥିତିରେ ଏନ୍‌ଏଚ ୧୪୩ର ସର୍ଭେ କାମ ଆରମ୍ଭ

କୁତ୍ରା, ୨୩।୧୨(ସମିସ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ତହସିଲ ଅଧୀନ ରାଞ୍ଚିରୋଡ୍ ଛକଠାରୁ ରାଞ୍ଚି ପର୍ଯ୍ୟନ୍ତ ହେବାକୁ ଥିବା ୧୪୩ ନମ୍ବର ଜାତୀୟ ରାଜପଥର ସର୍ଭେ କାମ ପୁଲିସ ଫୋର୍ସ ଉପସ୍ଥିତରେ ସୋମବାର ଆରମ୍ଭ ହୋଇଛି। ଭାରତ ମାଳା ପ୍ରୋଜେକ୍ଟରେ କୁତ୍ରା ରାଞ୍ଚିରୋଡ୍‌ଠାରୁ ରାଞ୍ଚି ପର୍ଯ୍ୟନ୍ତ ୧୪୩ନମ୍ବର ଜାତୀୟ ରାଜପଥ ହେବାକୁ ଅଛି। କିଛିଦିନ ତଳେ ଏହି ରାସ୍ତାର ସର୍ଭେ କାମ ଆରମ୍ଭବେଳେ ଜମି ହରାଉଥିବା କିଛି ପ୍ରଜା ବିରୋଧ କରିଥିଲେ। ଫଳରେ କାମ ବନ୍ଦ ରହିଥିଲା। ହେଲେ ସୋମବାର ସୁନ୍ଦରଗଡ଼ ଉପଜିଲ୍ଲାପାଳ ଦାସରଥି ସରାବୋ, କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସକେ, କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି ୨ ପ୍ଲାଟୁନ ଫୋର୍ସ ଓ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ସର୍ଭେ କାମ ଆରମ୍ଭ ହୋଇଛି। ଜମିହରାଙ୍କ ସାମାନ୍ୟ ବିରୋଧ ପରେ ସୁରୁଖୁରୁରେ ସର୍ଭେ କାମ ହୋଇଥିଲା। ଜମିହରାମାନେ ଚାରି ଗୁଣା କ୍ଷତିପୂରଣ ଦାବି କରୁଥିବା ବେଳେ ପ୍ରଶାସନ କି ପଦକ୍ଷେପ ନେଉଛି ବୋଲି ପଚାରିବାରୁ ଉପଜିଲ୍ଲାପାଳ ଆମେ ଜମିହରାଙ୍କ ଦାବି ସରକାରଙ୍କୁ ଜଣାଇ ଦେଇଛୁ ସରକାର ଯାହା ବିଚାର କରିବେ ତାହା ଦିଆଯିବ ବୋଲି ଉତ୍ତର ଦେଇଥିଲେ।



● ଆଶା କର୍ମୀ ସୁବାସିନୀ ହତ୍ୟା ମାମଲାର ଭିନ୍ନ ମୋଡ଼

# ବ୍ୟବଚ୍ଛେଦ ରିପୋର୍ଟରେ କାରଣ ଅସ୍ପଷ୍ଟ, ଭିସେରା ରିପୋର୍ଟକୁ ଅପେକ୍ଷା

ସୁନ୍ଦରଗଡ଼, ୨୩।୧୨(ସମିସ): ଭଷ୍ମା ଥାନା କୁଡ଼ାବଗା ଗ୍ରାମ ଆଶା କର୍ମୀ ସୁବାସିନୀ ନାଏକ ହତ୍ୟା ମାମଲା ଭିନ୍ନ ମୋଡ଼ ନେଇଛି। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସୁବାସିନୀଙ୍କ ଶରୀରରେ ଥିବା କ୍ଷତ ମୃତ୍ୟୁ ପାଇଁ ପର୍ଯ୍ୟାପ୍ତ କାରଣ ହୋଇ ନ ପାରେ ବୋଲି ଏଥିରେ ଦର୍ଶାଯାଇଛି। ଭିସେରା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠା ଯାଇଛି। ଫଳରେ ପୁଲିସ ହାତ ବାନ୍ଧି ଭିସେରା ରିପୋର୍ଟକୁ ଅପେକ୍ଷା କରିଛି। ବିଧବା ଆଶା କର୍ମୀ ସୁବାସିନୀଙ୍କ ଗତ ମାସ ୩୦ ତାରିଖରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସୁବାସିନୀଙ୍କ ପୁଅ ତୋଲାରାମ ନାଏକ ସମ୍ପର୍କୀୟ ଅଙ୍ଗନବାଡ଼ି କର୍ମୀ ଦମୟନ୍ତୀ ନାଏକଙ୍କ ସମେତ ତାଙ୍କ ଦୁଇ ଝିଅ, ଦୁଇ ଜ୍ୱାଇଁଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣି ଥାନାରେ ଏତଲା ଦେଇଥିଲେ। ପୁଲିସ ଏମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିଥିଲେ ହେଁ ସୁବାସିନୀଙ୍କ ଦେଢ଼ଶୁର ଦେବାନନ୍ଦଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଥିଲା। ତେବେ ପରବର୍ତ୍ତୀ ସମୟରେ ପୁଲିସ ତାଙ୍କୁ ଛାଡ଼ି ଦେଇଥିଲା। ଭିସେରା ରିପୋର୍ଟ ପରେ ମାମଲା କେଉଁ ଆଡକୁ ଗତି କରୁଛି, ତାହା ଦେଖିବାକୁ ବାକି ରହିଛି।



### ଉପମୁଖ୍ୟମନ୍ତ୍ରୀ ଥାଇ ବି ଜିଲ୍ଲାରେ କମୁନି ଚାଷୀଙ୍କ ଦୁଃଖ

# ଧାନ ବିକ୍ରି ପାଇଁ ହଇରାଣ ହେଉଛନ୍ତି ଚାଷୀ

ଦୁଷ୍ଟୁରା, ୨୩।୧୨(ସମିସ)



ଫେଲ୍ ମାରିଛି ସରକାରଙ୍କ ଚାଷୀପ୍ରତି ଦେଇଥିବା ପ୍ରତିଶ୍ରୁତି। ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ଦୁଷ୍ଟୁରାରେ ଚାଷୀଙ୍କ ଦୁଃଖ କହିଲେ ନସରେ। ସରକାର ଚାଷୀ ମଣ୍ଡିରେ ସୁରୁଖୁରୁରେ ଧାନ ବିକ୍ରି କରିପାରିବ ବୋଲି କହୁଥିବାବେଳେ ଆଜି ପର୍ଯ୍ୟନ୍ତ ଠିକ ଭାବରେ ଚାଷୀ ନିଜ ଧାନ ବିକି ପାରୁନି। ପୂର୍ବ ସରକାର ଥିବା ସମୟରେ ଚାଷୀ ଅଖା ବସ୍ତା କିମ୍ବା ଜରି ବସ୍ତାରେ ଧାନ ନେଇ ଆରାମରେ ବିକି ପାରୁଥିଲେ। ହେଲେ ଏବେ ସବୁ ଜିନିଷ ବଦଳି ଯାଇଛି। ବିନା ଅଖା ବସ୍ତାରେ ଧାନ ମଣ୍ଡିରେ ନେଉନାହାଁନ୍ତି। ବଲାଙ୍ଗିର ଜିଲ୍ଲାରେ ନିଜେ ଉପମୁଖ୍ୟମନ୍ତ୍ରୀ ଥିବାବେଳେ ଚାଷୀଙ୍କ ଦୁଃଖ ବୁଝୁନଥିବା ଅଭିଯୋଗ ହେଉଛି। ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ସରକାର କରିଛନ୍ତି, ହେଲେ ଚାଷୀ ଜାଣି ନ ଥିଲା ଯେ ଅଖା ବସ୍ତା ହେଲେ ଯାଇ ମଣ୍ଡିରେ ଧାନ ବିକିପାରିବ। ରବିବାର ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହ ଦେଓ ନିଜ ନିର୍ବାଚନମଣ୍ଡଳୀର ଚାଷୀ ମାନଙ୍କୁ ଜରିବସ୍ତାରେ ଧାନ ଉଠାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଆଜି ତାଙ୍କ ଉପସ୍ଥିତିରେ ଦେଓଗାଁ ବ୍ଲକରେ ଚାଷୀଙ୍କ ନିଜ ବସ୍ତା ତଥା ଜରି ବସ୍ତାରେ ଧାନ କିଣା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଗୁଡ଼ଭେଲା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ଦୁଷ୍ଟୁରା ମଣ୍ଡିକୁ ଦିନେ ହେଲେ ପରିଦର୍ଶନ ରେ ଆସି ନାହାନ୍ତି। ଚାଷୀ କିପରି ଶୀଘ୍ର ଓ ସହଜରେ ଧାନ ବିକ୍ରି କରିପାରିବ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

## ଜମୁଛି ତରବୋଡ଼ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ



କୋମନା, ୨୩।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ସ୍ଥିତ ରାଜୀବଗାନ୍ଧୀ ମିନି ଷ୍ଟାଡିୟମରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ପାଇଁ ତରବୋଡ ସହର ତଥା ଆଖପାଖ ଗାଁଗୁଡିକ ଚଳଚଞ୍ଚଳ ହୋଇପଡ଼ିଛି। ସୋମବାର ଥିଲା ଏହି ଯାତ୍ରାର ସପ୍ତମ ରଜନୀ। ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା କାହାଣୀ ଓ କାଳିଆ ନାଗକୁ କଂସର ଆଦେଶ କାହାଣୀ ଖୋଲା ରଙ୍ଗ ମଞ୍ଚରେ ମଞ୍ଚସ୍ଥ ହୋଇଛି। ଏହାକୁ ଉପଭୋଗ କରିବା ପାଇଁ ତରବୋଡ଼ସ୍ଥିତ କଂସରାଜ ଦରବାରରେ ହଜାର ହଜାର ଦର୍ଶକ ରୁଣ୍ଡହୋଇ ବେଶ ଉପଭୋଗ କରିଛନ୍ତି। ଏହି ଅବସରରେ କଂସ ମହାରାଜାଙ୍କ ଦରବାରରେ ଅତିଥି ଭାବେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଘାସିରାମ ମାଝୀ, ସଦନ ତିବାରୀ, ବୀରେନ୍ଦ୍ର ପ୍ରଧାନ, ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, କାଳିଆ ପ୍ରଧାନ, ବିରାଟ ବାଗ, ରଞ୍ଜିତ ସୁନାନୀ ସହ ପିଏସଏମ ସୁବୋଦ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା ସଞ୍ଜୀବ ପାଣିଗ୍ରାହୀ ଦାୟିତ୍ୱ ବହନ କରିଥିବା ବେଳେ ପରିଚାଳନା କମିଟି ସଭାପତି ସମେତ ସମସ୍ତ ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ୩୬ ଲିଟର ଦେଶୀ ମଦ ଜବତ; ୧ ଗିରଫ

ତୁରେକେଲା, ୨୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଧୀନ ଟିକରାପଡ଼ା ଗାଁ ରେ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ସୋମବାର କୌଣସି କଣ୍ଟାବାଞ୍ଜି ଅବକାରୀ ପୁଲିସ ପକ୍ଷରୁ ଟିକ୍ରାପଡ଼ା ଗାଁ ରେ ଚଢ଼ଉ କରାଯାଇଥିଲା। ବେଆଇନ ମଦ ବିକ୍ରି କରୁଥିବା ଡଗେଶ୍ୱର ପୁଟେଲକୁ ଗିରଫ କରି ତାଠାରୁ ୩୬ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିରାଟ ବିଭାଗୀୟ ହାଜତକୁ ପଠେଇ ଦିଆଯାଇଥିବା ଏସଆଇ ପ୍ରବୀଣ ସାହୁ ସୂଚନା ଦେଇଛନ୍ତି।

## ଜିଲ୍ଲା ରାଇଫଲ ସଂଘର ନୂତନ କର୍ମକର୍ତ୍ତା ଚୟନ

ବଲାଙ୍ଗିର, ୨୩।୧୨(ସମିସ): ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଜିଲ୍ଲା ରାଇଫଲ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏନେଇ ବଲାଙ୍ଗିର ବିଧାୟକ ତଥା ଜାତୀୟ ରାଇଫଲ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଜିଲ୍ଲା ରାଇଫଲ ସଂଘ ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବରେ ଅରକେଶ ନାରାୟଣ ସିଂଦେଓ ମୋନାନୀତ ହୋଇଥିବାବେଳେ ଉପ ସଭାପତି ଭାବେ ସୁମିତ ରଞ୍ଜନ ପୁରୋହିତ, ଆଞ୍ଜନେଅ ପ୍ରତାପ ସିଂ ଦେଓ ମୋନାନୀତ ହୋଇଛନ୍ତି। ସମ୍ପାଦକ ଭାବରେ ନିହାର ରଞ୍ଜନ ସ୍ୱାଇଁ ମୋନାନୀତ ହୋଇଥିବା ବେଳେ କୋଷାଧ୍ୟକ୍ଷ ଭାବରେ ଜିତେନ୍ଦ୍ର କୁମାର ମିଶ୍ର ମୋନାନୀତ ହୋଇଥିଲେ। ସଦସ୍ୟ ଭାବରେ ଅନଙ୍ଗ ଉଦୟ ସିଂଦେଓ, କଳିକେଶ ନାରାୟଣ ସିଂଦେଓ, ଦେବଦତ୍ତ ବେହେରା, ଉମେଶ କୁମାର ପଣ୍ଡା, ମୋହମ୍ମଦ ସିମେବ ୱାକସ, ସାହାତ ଅପତାପ ହୁସେନ ମୋନାନୀତ ହୋଇଛନ୍ତି। ଏନେଇ ବଲାଙ୍ଗିର ବିଧାୟକ ତଥା ଜାତୀୟ ରାଇଫଲ ସଂଘ ସଭାପତି କଳିକେଶ ନାରାୟଣ ସିଂ ଦେଓ ଜିଲ୍ଲା ରାଇଫଲ ସଂଘର ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ତରଭା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ତରଭା, ୨୩।୧୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ଓଡ଼ିଶାର ସ୍ୱାସ୍ଥ୍ୟ, ପରିବାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ତରଭା ଡାକ୍ତରଖାନାର ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ପରେ ସାମ୍ବାଦିକଙ୍କ ସହିତ ଆଲୋଚନା ସମୟରେ ଆସନ୍ତା ୩ ମାସ ମଧ୍ୟରେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସମସ୍ୟା ସମାଧାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏଥିରେ ସାମ୍ବାଦିକ ଅଶୋକ କୁମାର ସାହୁ, ମାନଭଞ୍ଜନ ମିଶ୍ର, ରାଜକୁମାର ମାହାଣା, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଅକ୍ଷୟ କୁମାର ବାଘ, ନରୋତ୍ତମ ମଲ୍ଲିକ, ରଞ୍ଜନ ମିଶ୍ର ଓ ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଗଣିତ ଦିବସ ପାଳିତ

ସୋନପୁର, ୨୩।୧୨(ସମିସ): ଭାରତର ପ୍ରସିଦ୍ଧ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ଜିଲ୍ଲା ଶିକ୍ଷା କର୍ଯ୍ୟାଳୟ ତରଫରୁ ଧର୍ମଶାଳା ନୋଡାଲ ଉଚ୍ଚ ବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବକ୍ତୃତାରେ ଦିପ୍ତିମୟୀ ପଧାନ, ମିଳନ କୁମ୍ଭାର, ପୂର୍ଣ୍ଣିମା ସାହୁ ଓ କୁଇଜରେ କାହ୍ନା କିଶୋର ମେଣ୍ଡ଼ି ଓ ପୋଷ୍ଟର ତିଆରିରେ ଓମପ୍ରକାଶ ବାରିକ, କାଜଲ ଦାଶ ଓ ପ୍ରିୟଙ୍କା ବିଶି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ମୁଖ୍ୟଅତିଥି ରୁପେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟବକ୍ତା ରୁପେ ବୌଦ୍ଧ ଜିଲ୍ଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆମ୍ବଗାଁର ପ୍ରଧାନଶିକ୍ଷକ ସୁକଦେବ ପଣ୍ଡା ଯୋଗଦେଇ ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ତଥା ଜିଲ୍ଲା ବିଜ୍ଞାନ ତତ୍ତ୍ୱାବଧାରକ ପର୍ଶୁରାମ ମେହେର ଅଧ୍ୟକ୍ଷତା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୁମତୀ ଆଚାର୍ଯ୍ୟ ସଭା ସଂଯୋଜନା କରିଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟଭାମା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରୁ ଆଜାଦ ହିନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

କୋମନା, ୨୩।୧୨(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଟିକ୍ରାପଡ଼ାସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଆସନ୍ତା ୨୫ ତାରିଖରୁ ୧୭ତମ ଆନ୍ତଃ ଜିଲ୍ଲାସ୍ତରୀୟ ଆଜାଦ ହିନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାର ବଛାବଛା ୧୨ଟି ଟିମ ଯୋଗ ଦେବେ। ୩୦ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ ସଭାପତି ଅନୁରାଗ ବଉକ ସୂଚନା ଦେଇଛନ୍ତି।

### ୮୫ ବର୍ଷରେ ପାଦ ଥାପିଲେ ନରସିଂହ

## ଜନ୍ମଦିନରେ ଶୁଭେଚ୍ଛା ଜଣାଇଲା ବିଭିନ୍ନ ଅନୁଷ୍ଠାନ



ବଲାଙ୍ଗିର, ୨୩।୧୨(ସମିସ): ଜୀବନ ଥିବା ପର୍ଯ୍ୟନ୍ତ ବଲାଙ୍ଗିର ସମେତ ରାଜ୍ୟବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବି। ନିଜର ଜନ୍ମଦିନ ଅବସରରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଶୁଭେଚ୍ଛୁମାନଙ୍କୁ କହିଛନ୍ତି। ସୋମବାର ନରସିଂହ ମିଶ୍ର ୮୫ ବର୍ଷରେ ପ୍ରଦାର୍ପଣ କରିଛନ୍ତି। ୧୯୪୦ ମସିହାରେ ନରସିଂହ ମିଶ୍ର ବଲାଙ୍ଗିର ସହର ନିକଟବର୍ତ୍ତୀ ଛତାମଖନା ଗ୍ରାମରେ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର ଏବଂ ମାତା ନିଳାବତି ଦେବୀଙ୍କ ଔରଷରୁ ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୦ ଭାଇ ଓ ଏକ ଭଉଣୀ ଭିତରେ ସେ ଜ୍ୟେଷ୍ଠ ଥିଲେ। ଏହି ଅବସରରେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ କଂଗ୍ରେସ ନେତା ମନୀଷ ମିଶ୍ର, ବୁଲୁ ଦାନୀ, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ଅନନ୍ତ ବେହେରା, ଲୋପନ ମିଶ୍ର, ମୀରା ବେହେରା, ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲୋକେ ତାଙ୍କୁ ଜନ୍ମଦିର ଶୁଭେଚ୍ଛା ଜଣାଇଥିଲେ। ରାଜ୍ୟର ଶ୍ରେଷ୍ଠ ରାଜନୈତିଜ୍ଞ ଭାବରେ ସେ ବିଧାୟକ, ବିରୋଧି ଦଳ ଉପନେତା, ବିରୋଧିଦଳ ନେତା, କ୍ୟାବିନେଟ ମନ୍ତ୍ରୀ ଏବଂ ଜାତୀୟ ଆଇନ ଆୟୋଗ କମିଶନର ସଭ୍ୟ ଥିଲେ।

## ବଚ୍‌ପନ୍ ଓ ଏକାଡେମିକ୍ ହାଇଟ୍ସ ସ୍କୁଲର ବାର୍ଷିକ କ୍ରୀଡ଼ା

ବଲାଙ୍ଗିର, ୨୩।୧୨(ସମିସ): ବିଷ୍ଣୁମୁଣ୍ଡାସ୍ଥିତ ବଚପନ୍ ନଗରଠାରେ ଏକାଡେମିକ୍ ହାଇଟ୍ସ ପବ୍ଲିକ୍ ସ୍କୁଲ୍ ଏବଂ ବଚପନ୍‌ର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଛି। ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲର ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ କୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିର୍ଦ୍ଦେଶିକା ଅର୍ଚ୍ଚନା ଶତପଥୀ, ନିର୍ଦ୍ଦେଶକ ଅଜିତ କୁମାର ଶତପଥୀ, ବଚପନ୍ ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ହୋତା ଏବଂ ଏକାଡେମିକ୍ ହାଇଟ୍ସ ପବ୍ଲିକ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚପଳା ମିଶ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜଗମୋହନ ନାଥ ସଭା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା ପଟ୍ଟନାୟକ ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଚପଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରୀତିସୁଧା ମହାପାତ୍ର ତଥା ଛାତ୍ରୀ ଶ୍ରୀଶା ପଟ୍ଟନାୟକ ଓ ଛାତ୍ର ଜୁନୁରେନ୍ ହୁସେନ ଅଲି ପରିଚାଳନାରେ ସହଯୋଗ କରିଥିଲେ। ବିଷ୍ଣୁମୁଣ୍ଡା ଶ୍ରୀରାମ ମନ୍ଦିରରୁ ବିଦ୍ୟାଳୟର ଚାମ୍ପିଅନ ଇଶିକା ଅଗ୍ରୱାଲ ଏବଂ ନୀରବ ସାବତଙ୍କ ଦ୍ୱାରା ମଶାଲ ଆସିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ନବରତ୍ନ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଖପ୍ରାଖୋଲ, ୨୩।୧୨(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ତେଲେନପାଲି ଗ୍ରାମର ସ୍ଥାନୀୟ ନବରତ୍ନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଠାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନଷ୍ଠିତ ହୋଇଛି। ଦୁଇ ଦିନ ଧରି ହେଇଥିବା ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ସଭାପତି ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସ, ମୁଖ୍ୟଅତିଥି ସରପଞ୍ଚ ଶକୁନ୍ତଳା ବେହେରା, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ପୂର୍ବତନ ସ୍କୁଲ ସଭାପତି ବିପ୍ରବିଶି, ମନ ଭୋଇ, ମହାଦେବ ମାଝୀ ଉପସ୍ଥିତ ଥିବାବେଳେ ବ୍ଲକ ଉପାଧ୍ୟକ୍ଷ ସୁଖିରମ୍ ଷାଣ୍ଡ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଖୋଖୋ, କବାଡି, କ୍ରିକେଟ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସର୍ଟପୁଟ ଓ ଡିସ୍‌କସ ଥ୍ରୋ, ମ୍ୟାଜିକ ଚେୟାରକୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରମୋଦ କୁମାର ବାଗଙ୍କ ସହିତ ଶିକ୍ଷକ ଶଶିକାନ୍ତ ବାଗ, ଶିକ୍ଷକ କୁମୁଦ ଚନ୍ଦ୍ର ଠାକୁର, ପୂର୍ବତନ ଛାତ୍ର ପ୍ରଶାନ୍ତ ବେହେରା, ଗୋଲାପ ପୋଢ଼, ସହଯୋଗ କରିଥିଲେ।

## ସାଧାରଣ ଉଦ୍ୟୋଗୀ ବିକାଶ ତାଲିମ ଶିବିର

ଲଛିପୁର, ୨୩।୧୨(ସମିସ): ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ ପରିସରରେ ୬ ଦିନ ଧରି ହେବାକୁ ଥିବା ସାଧାରଣ ଉଦ୍ୟୋଗି ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ତାଲିମ ଶିବିରର ନିର୍ଦ୍ଦେଶିକା ତୁଳେଶ୍ୱରି ଦାସଙ୍କ ନିର୍ଦ୍ଦେଶ ଅନୁସାରେ ଓ ବରିଷ୍ଠ ପ୍ରଶିକ୍ଷକ ସତ୍ୟବ୍ରତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସମାଜସେବୀ ଦେବେନ୍ଦ୍ର ମେହେର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୩୫ ଜଣ ତାଲିମାର୍ଥୀ ଯୋଗଦେଇ ତାଲିମ ନେଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଫିସ ସହାୟକ ଅସିତ୍ ପାଣିଗ୍ରାହୀ, ସରପଞ୍ଚ ଜ୍ୟୋତ୍ସ୍ନାମୟୀ ମେହେର, ଭଗବାନ ବରର୍ତ୍ତି ଉପସ୍ଥିତ ଥିଲେ।

## ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା

ସୁବଳୟା, ୨୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କଳାପଥର ପଞ୍ଚାୟତ ଅଧୀନ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି। ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଭଙ୍ଗାମୁଣ୍ଡା ମଠରୁ ମଶାଲ ଆଣି ପଣ୍ଡିଆପାଲି ଖେଳପଡ଼ିଆରେ ସ୍ଥାପନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପଙ୍କଜ ଖମାରୀ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ପ୍ରତିଯୋଗିତାକୁ ଖେଳ ଶିକ୍ଷକ ରଣମୋହନ ଭୋଇ, ଅକ୍ରୁର ପଣ୍ଡା, ଲିପୁନ ସା, ରାଧେଶ୍ୟାମ ନେହେର ଓ ମୀନକେତନ ମେହେର ପ୍ରମୁଖ ପରିଚାଳନା କରିଥିଲେ। ୫ଟି ବର୍ଗର ୩୭ଟି ବିଭାଗରେ ୩୯୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ମୁଖ୍ୟଅତିଥି ଭାବେ ଉଫୁଲା ପଞ୍ଚାୟତ ସରପଞ୍ଚ ଶ୍ରୀୟା କର୍ମୀ ଏବଂ ସମାଜସେବୀ ମୀନକେତନ ମହାକୁର ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଯୁଧିଷ୍ଠିର ଖମାରୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଲକ୍ଷ୍ମଣ ମହାନ୍ତି, ବୀଣାପାଣି ଭୋଇ, ବିକାଶ ମହାକୁଡ, ବିଶ୍ୱଜିତ୍ ନନ୍ଦ ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ସଚେତନତା ଧର୍ମୀ ନାଟକ ପରିବେଷଣ କରାଯାଇଥିଲା।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଟାଉନ୍ ଇଲେଭେନ୍ ଓ ସିଏମ୍‌ସିସି ବିଜୟୀ

ବଙ୍ଗୋମୁଣ୍ଡା, ୨୩।୧୨ (ସମିସ): ବଙ୍ଗୋମୁଣ୍ଡା ଖେଳପଡ଼ିଆ ଲୋକାଲ ଲିଗ ସିଜନ ଫୋର କ୍ରିକେଟ ଟୁର୍ଣ୍ଣାମଣ୍ଟର ସୋମବାର ଦିତ୍ୱୀୟ ଦିବସ ଖେଳ ଆୟୋଜିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ଖେଳ ସିଏମ୍‌ସିସି ଓ ୱାରିଅର ମଧ୍ୟରେ ଅନୁଷ୍ଠିତ ହେଇଥିବାବେଳେ ସିଏମ୍‌ସିସି ୯ ୱିକେଟରେ ବିଜୟ ଲାଭ କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ଖେଳ ଟାଉନ ଇଲେଭେନ ଓ ଟିଚର୍ସ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହେଇଥିବାବେଳେ ଟାଉନ ଇଲେଭେନ ୩୬ରନ ରେ ବିଜୟୀ ହୋଇଛ। ମୁଖ୍ୟ ଅତିଥି ଭାବରେ ବଙ୍ଗୋମୁଣ୍ଡା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁରୁଚରଣ ବେହେରା ଏବଂ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, ସାମ୍ବାଦିକ ଅଶୋକ କୁମାର ଖମାରୀ, ଦୀପକ କୁମାର ଦାସ ଯାଦବ ପ୍ରମୁଖ ଯୋଗ ଦେଇଥିଲେ।

## ଗୌରପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର, ୨୩।୧୨(ସମିସ) : ଟିଟିଲାଗଡ଼ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ଶିକ୍ଷକ ଭବନରେ ସ୍ୱର୍ଗତ ଗୌରପ୍ରସାଦ ପୁରୋହିତଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଗଡ଼ତ୍ୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ଭିଲୁ ଦାସ ପରିଚାଳନା କରିଥିଲେ। ସ୍ୱର୍ଗତ ପୁରୋହିତଙ୍କ ପୁଅ ଜ୍ୟୋତିପ୍ରକାଶ ଉପସ୍ଥିତ ଥିଲେ। ସଇଁନ୍ତଳା ବ୍ଲକ ବରିଷ୍ଠ ଶିକ୍ଷକ ରଞ୍ଜନ ଚାନ୍ଦ, ଦୁର୍ଯ୍ୟୋଧନ ସେନାପତି, ଖଗେଶ୍ୱର ପୃଷ୍ଟି, ରାମଗୋପାଳ ମେହେଟୋ, ବିଶ୍ୱମୋହନ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ସାହୁ, ସୂର୍ଯ୍ୟନାରାୟଣ ସାହୁ, ନାରଦ ମହାଲିଙ୍ଗ ପ୍ରମୁଖ ସ୍ୱର୍ଗତ ପୁରୋହିତଙ୍କ ସ୍ମୃତି ଚାରଣ କରିଥିଲେ। ବଲାଙ୍ଗିର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ହରେକୃଷ୍ଣ ରଥ, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ନାୟକ ଯୋଗ ଦେଇଥିଲେ। ସଞ୍ଜୟ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ।

## ୫୦ ଯୁବତୀଙ୍କୁ ସିଲେଇ ତାଲିମ ପ୍ରଦାନ

ଦୁଷ୍ଟୁରା, ୨୩।୧୨ (ସମିସ): ସୋମବାର ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଆୟୋଜନ ଓ ଏଲଟିଆଇ. ମଇଣ୍ଡ ଟ୍ରି ସହାୟତାରେ ଏକ ଦିନିଆ ଆର୍ଥିକ ସ୍ୱାକ୍ଷରତା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଲେଇ ଶିକ୍ଷା ନେଉଥିବା ୫୦ ଜଣ ଯୁବତୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ରଘୁମଣି ମହାନନ୍ଦ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବରେ ମନୋଜ କୁମାର ରଣା ଯୋଗଦାନ କରିଥିଲେ। ମୁଖ୍ୟ ତାଲିମ ଦାତା ଭାବରେ ପ୍ରକାଶ ଚନ୍ଦ୍ର ସାହୁ ଯୋଗଦାନ କରିଥିଲେ।

### କଳିଙ୍ଗ ବଡିବିଲ୍ଡିଂ ଚାମ୍ପିଅନସିପ୍

## ଶଙ୍କର ଓ ଅନିତା ଜିତିଲେ ଟାଇଟଲ



ଟିଟିଲାଗଡ଼, ୨୩।୧୨(ସମିସ): କଳିଙ୍ଗ ବଡି ବିଲ୍ଡିଂ ଆସୋସିଏସନର ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଟିଟିଲାଗଡ଼ ନିକଟସ୍ଥ ଚାହରଭଟାଠାରେ ଥିବା ଓମ୍ ଭ୍ୟାଲି ସ୍କୁଲ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ଏସଏମ୍ କ୍ଲାସିକ ଚାମ୍ପିଅନସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓମଭ୍ୟାଲି ସ୍କୁଲର ଚେୟାରମ୍ୟାନ ଦୀପକ ସାହୁ, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜିର ବରିଷ୍ଠ ରେସଲର ସତ୍ୟବିର ଲାଲ ଅଗ୍ରୱାଲ ଓ ରାକେଶ ଅଗ୍ରୱାଲ ଯୋଗ ଦେଇଥିଲେ। ରାଜ୍ୟର ୨୨ ଜିଲ୍ଲାରୁ ୧୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ଏସ୍‌ଏମ କ୍ଲାସିକ ଟାଇଟିଲ ଜିତିଲେ ପୁରୁଷ ବର୍ଗରେ ସମ୍ବଲପୁରର ଶଙ୍କର ମେହେର ଓ ରନର୍ସ ଅପ ହେଲେ ପୁରିର ସତ୍ୟଜିତ ମିଶ୍ର। ମହିଳା ବର୍ଗର ଟାଇଟଲ ହାସଲକଲେ ଅନିତା ମିଶ୍ର।

## ୨୮ ତମ ସର୍ବଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

ବୀରମହାରାଜପୁର, ୨୩।୧୨(ସମିସ)



### ସେମିରେ କ୍ୟୁସିଆଇ ଛତିଶଗଡ଼ ଟିମ୍

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଲୁଡୁରପଙ୍କ ହାଇସ୍କୁଲ ଖେଳପଡ଼ିଆରେ ହେଉଥିବା ୨୮ତମ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ସୋମବାର ଥିଲା ଦ୍ୱିତୀୟ ଦିବସ। ସୋମବାର ମ୍ୟାଚ୍‌ଟି କ୍ୟୁସିଆଇ ଛତିଶଗଡ଼ ଓ ଏନସିଏ ବିଶାଖାପାଟନା ମଧ୍ୟରେ ହୋଇଥିଲା। ଏଥିରେ ଛତିଶଗଡ଼ ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ ଛତିଶଗଡ଼ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୨୧୭ ରନ କରିଥିଲା। ଜବାବରେ ବିଶାଖାପାଟଣା ୧୫.୫ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ କରିଥିଲା। ଦ୍ୱିତୀୟ ଫର୍ମାଟ ଟି-୧୦ ମ୍ୟାଚ୍‌ରେ ଛତିଶଗଡ଼ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୦୯ ରନ କରିଥିଲା। ଜବାବରେ ବିଶାଖାପାଟନା ନିର୍ଦ୍ଧାରିତ୧୦ଓଭରରେ ୧୦୧ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ଼ ମ୍ୟାଚ୍‌ର ବିଜେତା ଭାବେ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କୃତ ବିତରଣି ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ଉପସଭାପତି କିଶୋର ହୋତା, ଆଇନଜୀବୀ ଇଂ.ଆଶ୍ରୟ ମହାନନ୍ଦ, ସ୍ୱେଚ୍ଛାସେବୀ ସୁବାସ ପଣ୍ଡା ଓ ସଞ୍ଜୟ ବଡ଼ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ୍‌ରେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ବିଶ୍ୱଜିତ ପୁରୋହିତ ଅମ୍ପାୟାର, ଜୟପ୍ରକାଶ ସାହୁ ସ୍କୋରିଙ୍ଗ, ଶୁଭେନ୍ଦୁ ଶେଖର ସାହୁ ଓ ଅଂଶୁମାନ ସାହୁ ଅନ ଲାଇନ ସ୍କୋରିଙ୍ଗ ଏବଂ ପୀତାମ୍ବର ସାହୁ, ମାନସ ନନ୍ଦ ଓ ପ୍ରାଣବନ୍ଧୁ ସାହୁ ଧାରା ଧାରାବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ସ୍ୱାର୍ଟନ ଭୁବନେଶ୍ୱର ଓ ପାନ୍ଥର କ୍ରିକେଟ କ୍ଲବ ହଜାରିବାଗ (ଝାଡ଼ଖଣ୍ଡ) ମଧ୍ୟରେ ହେବ ବୋଲି ଆୟୋଜକ ସଭାପତି ସୁଶିଲ ପ୍ରଧାନ ପ୍ରକାଶ କରିଛନ୍ତି।

## ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲଛିପୁର, ୨୩।୧୨(ସମିସ): ସୋନପୁର ବ୍ଲକ ଲଛିପୁର ପଞ୍ଚାୟତ ଅସୁରମୁଣ୍ଡା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବୃନ୍ଦାବନ ବଢେଇଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂହ, ମୁଖ୍ୟବକ୍ତା ଭାବେ ବଲାଡି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଜେନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୌରଭ ଦାନୀ, ସିଆରସିସି ଲଛିପୁର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଗୌରୀ ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିତେନ୍ଦ୍ର ରଣା ବାର୍ଷିକ ବୀବରଣୀ ପଠନ କରିଥିବା ବେଳେ ଚୈତନ୍ୟ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଗୀତିନାଟ୍ୟ 'ମେଘନାଦ ବଧ' ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ମୌସୁମୀ ଧରୁଆ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଲୁଗୁନ ସମ୍ମାନିତ ହୋଇଥିଲେ। ଏଥିରେ ସୈଳେଶ ରଥ, ସଞ୍ଜୟ ପଧାନ, ପ୍ରଭାସ ଦାଶ, ଲତା ଧରୁଆ ଓ କଳ୍ପନା ପୁଟା ପ୍ରମୁଖ ସହଯୋଗ କରିଥିଲେ।

